## ଗଞ୍ଜାମରେ ଗଡ଼ିଲା ଲକ୍ଷ୍ମୀ ବସ୍

# ଗାଁରୁ-ସହର ସୁଗମ ହେଲା ଯାତାୟାତ

● ୧୨୪ ରୁଟ୍‌ରେ ଗଡ଼ିବ ଲକ୍ଷ୍ମୀ ବସ୍

● ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ, ଆଧ୍ୟାତ୍ମିକ ଓ ସଂସ୍କୃତିକୁ ଶୀର୍ଷରେ ପହଞ୍ଚାଇଛନ୍ତି ମୁଖ୍ୟମନ୍ତ୍ରୀ









**ଛତ୍ରପୁର,୨୧।୨(ସମିସ)**

ପ୍ରତି ପଞ୍ଚାୟତରୁ ନିଜ ନିଜ ବ୍ଲକ ଆସିବାକୁ ଆଉ ଅସୁବିଧା ହେବନାହିଁ। ଗ୍ରାମାଞ୍ଚଳର ଲୋକମାନଙ୍କୁ ଉତ୍ତମ ପରିବହନ ସେବା ଲକ୍ଷ୍ମୀ ବସ ମାଧ୍ୟମରେ ମିଳିବ। ଏନେଇ ଗଞ୍ଜାମ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲକ୍ଷ୍ମୀ ବସର ବୁଧବାର ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ଜିଲ୍ଲାର ସଦରମହକୁମା ଛତ୍ରପୁର ସ୍ଥିତ ଅନସ୍ଲୋ ମିନି ଷ୍ଟାଡିୟମଠାରେ ଉଦଘାଟନ ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଯେଉଁଥିରେ ମହିଳା ଓ ବିଦ୍ୟାର୍ଥୀ ପଥଚାରିଙ୍କ ସର୍ବାଧିକ ଭଡା ୫ଟଙ୍କା ରହିଛି। ରାଜ୍ୟରେ ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏହି ଯୋଜନାର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଯୁଗାନ୍ତକାରୀ ଯୋଜନା। ଗଞ୍ଜାମ ଜିଲ୍ଲା ପାଇଁ ଆଜି ଏକ ଐତିହାସିକ ଦିନ। ଜିଲ୍ଲାରେ ଗମନାଗମନର ଅସୁବିଧାକୁ ହୃଦୟଙ୍ଗମ କରି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଜିଲ୍ଲାର ଲୋକେ ଉପକୃତ ହେବା ସହିତ ଜିଲ୍ଲାବାହାରୁ ଆସୁଥିବା ପର୍ଯ୍ୟଟକ ପାଇଁ ବେଶ ସହାୟକ ହେବ। ସେମାନେ କମ ଖର୍ଚ୍ଚରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ କରି ପାରିବେ। ଗାଁରୁ ସହରକୁ ଆସିବା ନିମନ୍ତେ ସବୁ ବର୍ଗର ଲୋକମାନେ ସୁବିଧାରେ ଗମନାଗମନ କରି ପାରିବେ। ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଜି ଲକ୍ଷ୍ମୀ ବସର ଲୋକାର୍ପଣ ହୋଇଥିବାରୁ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନଙ୍କୁ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ତାଙ୍କରି ଅଭିଭାଷଣରେ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ, ଆଧ୍ୟାତ୍ମିକ ଓ ସଂସ୍କୃତିକୁ ଶୀର୍ଷରେ ପହଞ୍ଚାଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ସମସ୍ତ ସଂଯୋଗ କରିବ ପରିବହନ। ଏହା ମୁଖ୍ୟମନ୍ତ୍ରୀଙ୍କ ଦୂର ଦୃଷ୍ଟି ବୋଲି ଆଜିର ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବା ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତି ମା' ଏବଂ ସ୍ଥାନୀୟ ଜନସାଧାରଣ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲ୍ଲାପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସଆରଟିସିର ଅଧ୍ୟକ୍ଷ ତଥା ଏମଡି ଦୀପତେଶ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଧୀନା ଦସ୍ତାଗିରୀ, ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ ଓ ପ୍ରମୋଦ କୁମାର ପୃଷ୍ଟି, ଜିଏମ ଡିଆରଡିଏ ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ଉପ ଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଭଞ୍ଜନଗର ଆରଟିଓ ଶୁଭେନ୍ଦୁ ରାୟ, ଓଏସଆରଟିସି ଗଞ୍ଜାମ ଜିଲ୍ଲା ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାରେ ୪୭ ଗୋଟି ଲକ୍ଷ୍ମୀ ବସ ଚାଲିବ। ଜିଲ୍ଲାର ୧୨୪ଟି ରୁଟରେ ୧୨୪ଟି ବସର ଏହି ସେବା ଯୋଗାଇ ଦିଆଯିବ। ଏଥି ନିମନ୍ତେ ମୋଟ ୧୩୦ବସ ଜିଲ୍ଲାକୁ ଆସିବ। ବିଭିନ୍ନ ପଞ୍ଚାୟତରେ ଏବେ ଲକ୍ଷ୍ମୀ ବସ ଷ୍ଟପ ସ୍ଥଳ କରାଯାଇଥିବା ବେଳେ କିଛି ସ୍ଥାନରେ ଏହାର ନିର୍ମାଣ ଜାରି ରହିଛି।








## ଆଜି '୫-ଟି' ଅଧ୍ୟକ୍ଷଙ୍କ ଗଞ୍ଜାମ ଗସ୍ତ; ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

# ସାଂସଦ ମାନସ ମଙ୍ଗରାଜଙ୍କ ସମୀକ୍ଷା

**ବ୍ରହ୍ମପୁର/ଧରାକୋଟ,୨୧।୨(ସମିସ)**



ଗୁରୁବାର '୫-ଟି' ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ଦିନିକିଆ ଗଞ୍ଜାମ ଗସ୍ତରେ ଆସୁଛନ୍ତି। ସେ ଜିଲ୍ଲାର ୪ଟି ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ମିନି ଷ୍ଟାଡ଼ିୟମରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ସେହିଭଳି ମିନି ଷ୍ଟାଡ଼ିୟମ କୁକୁଡ଼ାଖଣ୍ଡି, ଧରାକୋଟ ବଡ଼ଦାଣ୍ଡ ଓ ବ୍ଲକ ଅଫିସ ନିକଟ ପଡ଼ିଆ ବେଲଗୁଣ୍ଠାରେ ଆୟୋଜିତ ଜନସଭାରେ ଲୋକଙ୍କୁ ଉଦ୍‌ବୋଧନ ଦେବା ସହ ଆଲୋଚନା କରିବେ ବୋଲି ଜଣାଯାଇଛି। ଏନେଇ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ବିଜୁ ଜନତା ଦଳର ବରିଷ୍ଠ ପର୍ଯ୍ୟବେକ୍ଷକ ତଥା ସାଂସଦ ମାନସ ମଙ୍ଗରାଜ ପ୍ରସ୍ତୁତି କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଛନ୍ତି। ତାଙ୍କ ସହିତ ବିଜେଡି ମୁଖପାତ୍ର ଓ ପାରଳାଖେମୁଣ୍ଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତିଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ସୂଚନାପ୍ରକାରେ ଶ୍ରୀ ପାଣ୍ଡିଆନ ଧରାକୋଟ ଗସ୍ତରେ ଆସୁଥିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଯୋଗୁଁ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜୀବ ଲୋଚନ ପଣ୍ଡା, ଛତ୍ରପୁର ଏସଡିପିଓ ଗୌରାଙ୍ଗ ସାହୁ, ଆସିକା ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ଉପସ୍ଥିତିରେ '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ ଯେପରି ଶୃଙ୍ଖଳାର ସହ ସମାପନ ହେବ ସେ ସମ୍ପର୍କରେ ସ୍ଥିତି ପରଖିବା ସହ ହେଲିପ୍ୟାଡ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ସାତ ଗୋଟି ଥାନାର ଅଧିକାରୀ ଓ ତିନି ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଜଣାଯାଇଛି। ସେହିପରି ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଭଂଜନଗର ଉପ-ଜିଲ୍ଲାପାଳ ଅନୀଲ କୁମାର ସେଠୀ ପ୍ରମୁଖଙ୍କ ସହ ଧରାକୋଟ ବ୍ଲକର ସମସ୍ତ ପ୍ରାସାସନିକ ଅଧିକାରୀ ମଧ୍ୟ ସଭା ସ୍ଥଳ ଓ ହେଲିପ୍ୟାଡ ପରିଦର୍ଶନ କରିଥିଲେ। ଗୁରୁବାର ଅପରାହ୍ନ ୧୨.୨୦ ମିନିଟ ସମୟରେ '୫-ଟି' ଅଧ୍ୟକ୍ଷ ଧରାକୋଟ ମିନି ଷ୍ଟାଡିୟମରେ ପହଞ୍ଚିବା ପାଇଁ ସମୟ ସ୍ଥିରୀକୃତ ହେଇଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ଧରାକୋଟ ଅଞ୍ଚଳରେ କଡ଼ା ସୁରକ୍ଷା ଗ୍ରହଣ କରାଯାଇଛି।



## ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡର ଶୁଭାରମ୍ଭ



**ବାଲିଗୁଡା,୨୧।୨(ସମିସ):** ବାଲିଗୁଡା ବ୍ଲକ ବାଟାଗୁଡ଼ାରେ ଲକ୍ଷ୍ମୀ ଯୋଜନା ବସ୍ କିଉ ବା ବସ୍‌ଷ୍ଟାଣ୍ଡର ଶୁଭାରମ୍ଭ କରିଛନ୍ତି ବାଲିଗୁଡ଼ା ବିଡିଓ ଓ ସ୍ଥାନୀୟ ଜନ ପ୍ରତିନିଧି । ଦୁଇ ଦିନ ପୂର୍ବରୁ ରାଜ୍ୟର ପାଞ୍ଚ ଜିଲ୍ଲାରେ ଏହି ଯୋଜନ ଶୁଭାରମ୍ଭ ହେବା ପରେ ଗତକାଲି ଲକ୍ଷ୍ମୀ ବସ ବାଲିଗୁଡ଼ା ଲୋକଙ୍କୁ ସେବା ଯୋଗାଇ ଆସୁଛି । ଲକ୍ଷ୍ମୀ ବସ୍ ଯାତ୍ରୀଙ୍କ ପାଇଁ ଆଜି ବାଟାଗୁଡ଼ାରେ ଏକ କିୟୁ ପଏଣ୍ଟର ଉଦଘାଟନ କରିଛନ୍ତି ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଓ ଅଂଚଳର ଜନ ପ୍ରତିନିଧି । ଏହି ଗାଁ ଦେଇ ୫୯ ନମ୍ବର ଜାତୀୟ ରାଜପଥ ଉପରେ ଲେକେ ବସ୍ ଅପେକ୍ଷା କରିବାକୁ ଏକ ନିରୁପିତ ସ୍ଥଳର ଆବଶ୍ୟକତା ଅନୁଯାୟୀ ସରକାର ଏହି ଲକ୍ଷ୍ମୀ ବସ୍ କିୟୁର ନିର୍ମାଣ କରିଛନ୍ତି । ଯାହା ଲୋକଙ୍କ ସେବାରେ ନିହାତି ଉପକାରୀ ହେବ ବୋଲି ଅନୁମାନ କରାଯାଉଛି। ଏଭଳି ବିକାଶ ଉନ୍ନତ ଯୋଜନା ଗୁଡ଼ିକ ନିଜ ଅଞ୍ଚଳରେ ପାଇବା ପରେ ଅଞ୍ଚଳ ଲୋକଙ୍କ ମନରେ ଉତ୍ସାହ ଦେଖିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ୍ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସମେତ ଅତିଥି ଭାବେ ବାଟାଗୁଡ଼ା ଜୋନ ଜିଲ୍ଲା ପରିଷଦ ସଭ୍ୟ ଆଶିଷ କୁମାର ଦିଗାଲ, ସ୍ଥାନୀୟ ସରପଞ୍ଚ ପ୍ରତାପ ମଲିକ, ବହୁ ଜନ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା' ବରାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ



**ବାଲିଗୁଡ଼ା,୨୧।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ବହୁ ପୁରାତନ ପ୍ରତ୍ୟକ୍ଷ ଦେବୀ ମା ବରାଳୀ ଦେବୀଙ୍କ ଗତ ୫ ତାରିଖରେ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ ହୋଇଥିବା ବେଳେ ମଙ୍ଗଳବାର ମାଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଆସନ୍ତା ୨୫ ତାରିଖରୁ ନୂତନ ବିଗ୍ରହ ଓ ମା ଙ୍କ ମନ୍ଦିର ପ୍ରତିଷ୍ଠା ହେବା ସହ ମନ୍ଦିର ପରିସରରେ ୨୪ ପ୍ରହର ନାମ ଯଜ୍ଞ,ଅନ୍ନ ଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲିବ ।

# ତୁଳସୀ କାଠିରେ ଦୁଇ ଇଞ୍ଚର ରାମ ମନ୍ଦିର

**ଫୁଲବାଣୀ,୨୧।୨(ସମିସ):** ନିର୍ଜୀବ ପଦାର୍ଥରେ ଜୀବନ ଦେଇ ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି କଳାକାର ସମରେନ୍ଦ୍ର ବେହେରା। ଫୁଲବାଣୀ ବିଏଡ ମହାବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟରତ ସମରେନ୍ଦ୍ର ଗତ ଦିନରେ ଶୁଖିଲା ଶାଗୁଆନ ପତ୍ରରେ ବିଭିନ୍ନ ମହାପୁରୁଷଙ୍କ ଚିତ୍ର ଆଙ୍କି ଚର୍ଚ୍ଚାକୁ ଆସିଥିଲେ । ତାଙ୍କର ଏହି କଳାକୃତି ଅନ୍ୟ ମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ, ଗତ କନ୍ଧମାଳ ମହୋତ୍ସବରେ ତାଙ୍କ ଦ୍ୱାରା ନିମନ୍ତ୍ରିତ ଅତିଥିଙ୍କୁ ଶାଗୁଆନ ପତ୍ରରେ ଅଙ୍କିତ ଚିତ୍ର ସ୍ମାରକୀ ଭାବେ ପ୍ରଦାନ କରାଯାଇଥିଲା। ଏବେ ପୁଣି ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ସମରେନ୍ଦ୍ର। ତୁଳସୀ କାଠିରେ ନିର୍ମାଣ କରିଛନ୍ତି ରାମ ମନ୍ଦିର। ଏହାର ଉଚ୍ଚତା ମାତ୍ର ଦୁଇ ଇଞ୍ଚ। ଏବେ ସାରା ଦେଶରେ ଅଯୋଧ୍ୟା ରାମ ମନ୍ଦିରକୁ ନେଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଏଥିରେ ପ୍ରଭାବିତ ହୋଇ ସମରେନ୍ଦ୍ରଙ୍କ ଏହି ସୂକ୍ଷ୍ମ କାରୁକଳା ପ୍ରସ୍ତୁତ କରିଥିବା କହିଛନ୍ତି। ଏହା ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଲାଗିଛି ତିନି ଦିନ ସମୟ। ଏହି ନିପୁଣ କାରୁକାର୍ଯ୍ୟ ସମସ୍ତଙ୍କୁ ଚକିତ କରିବା ସହିତ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ପିଲାମାନଙ୍କୁ କଳା ଶିକ୍ଷା ଦେବା ସହିତ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଛନ୍ତି ସମରେନ୍ଦ୍ର। ତେବେ କଳା କ୍ଷେତ୍ରରେ ନୂତନ ପରୀକ୍ଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ନିଜ ଦ୍ୱାରା ପ୍ରସ୍ତୁତ ପବିତ୍ର ତୁଳସୀ କାଠି ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟକୁ ଗିନିଜ ବୁକ ଅଫ ରେକର୍ଡ ପାଇଁ ପଠାଇବାକୁ ଇଚ୍ଛା ଜାହିର କରିଛନ୍ତି।



# ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

**ଫିରିଙ୍ଗିଆ,୨୧।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ପଂଚାୟତିରାଜ ସଂସ୍ଥାକୁ ନିର୍ବାଚିତ ହୋଇଥିବା ଅନୁସୂଚିତ ଜନଜାତି ପ୍ରତିନିଧିଙ୍କୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଫିରିଙ୍ଗିଆ ବ୍ଲକର ୬ ପଂଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ପ୍ରଶିକ୍ଷକ ଭାବେ ମାନସ ରଞ୍ଜନ ଧଳ ଓ ସହଯୋଗୀ ପ୍ରଶିକ୍ଷକ ଭାବେ ବିକ୍ରମ କେଶରୀ ମେଣ୍ଡୁଲି ଉପସ୍ଥିତ ରହି ଶିକ୍ଷା ପ୍ରଦାନ କରିଥିଲେ। ଶିବିରରେ ନିର୍ବାଚିତ ପ୍ରତିନିଧଙ୍କ ଭୂମିକା, ଗ୍ରାମ ସଭା, ପଲ୍ଲୀ ସଭା, ଜଙ୍ଗଲ ଅଧିକାର ଆଇନ, ପେସା ଆଇନ, ଜନଜାତି ନିବାରଣ ଓ ନିର୍ଯାତନା ଆଇନ, ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଉକ୍ତ ଶିବିରରେ ଫିରିଙ୍ଗିଆ, ଡିଣ୍ଡିରାଗାଁ, ପବିଙ୍ଗିଆ, ରତଙ୍ଗ, ଡିମିରି ଗୁଡା ବନ୍ଧଗଡ ପାଖାପାଖି ୬୦ଜଣ ପ୍ରତିନିଧି ଉପସ୍ଥିତ ରହି ପ୍ରଶିକ୍ଷକ ମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ।





## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର



ଗୁମ୍ମା, ୨୧।୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସ୍ଥିତ ସଦଭାବନା ସଭାଗୃହରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଗଜପତି ପିଡ଼ି ଡ଼. ଗୁଣନିଧି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ବିଡ଼ିଓ ଯସ୍ମୀନ କୁମାର ପ୍ରଧାନ, ଡ଼ିଏସ ବାବୁଲା ବିଷୋୟୀ, ଏଇଇ ବିଭୁଚନ୍ଦନ ପୂଜାରୀ ଓ ଏପିଓ ସୌମ୍ୟ ସୁଧାକର ତ୍ରିପାଠୀ ଯୋଗ ଦେଇଥିଲେ। ମନେରେଗା ଯୋଜନା ଆର୍ଥିକ ବର୍ଷ ୨୦୨୩-୨୪ ବିବରଣୀ ପଠନ କରିଥିଲେ ଏପିଓ ଶ୍ରୀ ତ୍ରିପାଠୀ। ଗୁମ୍ମା ବ୍ଲକରେ କାର୍ଯ୍ୟରତ ଉଦ୍ୟାନ, ଜଙ୍ଗଲ, ଜଳ ବିଭାଗ ଓ ଆଦିବାସୀ ଉନ୍ନୟନ ସଂସ୍ଥା କର୍ମଚାରୀ ଯୋଗ ଦେଇ ନିଜ ବିଭାଗରେ ହୋଇଥିବା ମନରେଗା କାର୍ଯ୍ୟର ବିବରଣୀ ଅବଗତ କରାଇଥିଲେ। ସେହିପରି ସମସ୍ତ ପଞ୍ଚାୟତ ସମିତିର ମନରେଗା କାର୍ଯ୍ୟର ସମୀକ୍ଷା କରିବା ସହ ପାଞ୍ଚାୟତ ଏବଂ ଲାଇନ ବିଭାଗର ହୋଇ ନଥିବା ସାମାଜିକ ସମୀକ୍ଷାକୁ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ମନରେଗା କାର୍ଯ୍ୟ ପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଡ଼. ନାୟକ। ସମସ୍ତ ମନରେଗା ପ୍ରକଳ୍ପର ଫଳକ ସରକାରଙ୍କ ନିୟମ ଅନୁସାରେ କରିବାକୁ ସମସ୍ତ କାର୍ଯ୍ୟକାରୀ ସଂସ୍ଥାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସମିତିସଭ୍ୟ/ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଭିଆରପି, ଗାଁସାଥି ଓ ୧୦୯ ହିତାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏପିଓ ଶ୍ରୀ ତ୍ରିପାଠୀ, ସ୍ୱରାଜ୍ୟ କୁମାର ସାହୁ ଓ କେଦାର ନାଥ ପଣ୍ଡା ପରିଚାଳନା କରିଥିଲେ।

# ପଦ୍ମ ଛାଡ଼ି ଶଙ୍ଖ ଧରିଲେ ଗୁମା ପଞ୍ଚାୟତର ୩୭ ପରିବାର



ତୁମୁଡିବନ୍ଧ, ୨୧।୨(ସମିସ):

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ରେ ବିଜୁ ଜନତା ଦଳ ସୁଦୃଢ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଧାରା ବେଶ ଅନୁପ୍ରାଣିତ କରୁଛି। ଏଥିପାଇଁ ବିଜେପି ଓ କଂଗ୍ରେସ ଛାଡି ଶଙ୍ଖ ମୁହା ହେଉଛନ୍ତି ଶହ ଶହ କର୍ମୀ। ଗତ ରବିବାର ଦିନ ତୁମୁଡିବନ୍ଧ ବ୍ଲକରେ ବାଇକ ରାଲି କରି ବିଜେଡି ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ସେହିଦିନ କଂଗ୍ରେସ ଓ ବିଜେପି ଛାଡି ୭୦୦ରୁ ଅଧିକ କର୍ମୀ ବିଜେଡି ରେ ସାମିଲ ହେଇଥିଲେ। ସେହିପରି ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ ଓ ଗୁମା ଗ୍ରାମ ପଞ୍ଚାୟତ ସଭାପତି ସୁରେନ୍ଦ୍ର ପରାସେଟଙ୍କ ନେତୃତ୍ୱରେ ଗୁମା ପଞ୍ଚାୟତ ରାଣ୍ଡାଙ୍ଗ ଗ୍ରାମର ୩୭ ପରିବାରର ୧୫୦ରୁ ଅଧିକ କର୍ମୀ ବିଜେପି ଛାଡି ବିଜେଡିରେ ସାମିଲ ହେଇଛନ୍ତି। ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଆମ ଓଡ଼ିଶା ନବୀନ ଓଡ଼ିଶା କନ୍ଧମାଳ ଜିଲ୍ଲା ସଂଯୋଜକ ରାଜୀବ ପାତ୍ର, ତୁମୁଡିବନ୍ଧ ବ୍ଲକ ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀ ସାହୁ, ବାଲିଗୁଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଏବଂ ଗୁମା ପଞ୍ଚାୟତ ସଭାପତି ସୁରେନ୍ଦ୍ର ପରାସେଟଙ୍କ ଉପସ୍ଥିତରେ ୧୫୦ରୁ ଅଧିକ କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହେଇଥିଲେ।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ



ପାରଳାଖେମୁଣ୍ଡି, ୨୧।୨(ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ, ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତା ରାଣୀ ପରିଡ଼ା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଶିକ୍ଷକ ପ୍ରଦୀପ ଜେନା ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦାନ କରିଥିବା ବେଳେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭା ନିମନ୍ତେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମୁଦାୟ ଆଠଟି ବର୍ଗର ୧୧୨୪ ପୁରସ୍କାର ବିତରଣ କରଯାଇଥିଲା। ବ୍ଲକ ଶିକ୍ଷା ପୁରସ୍କାର ୭୧୪, ନେତୃତ୍ୱ ପୁରସ୍କାର ୨୭୮, ଜିଲ୍ଲା ଶିକ୍ଷା ପୁରସ୍କାର ୫୫, ପ୍ରାଥମିକ ଶିକ୍ଷା ପୁରସ୍କାର ୭, ମାଧ୍ୟମିକ ଶିକ୍ଷା ପୁରସ୍କାର ୨୧, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ୨୦, ସ୍କୁଲ ପରିଚାଳନା କମିଟି ୭ ଓ ଆଲୁମିନି ୬ ଜଣଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗୁମ୍ମା ବ୍ଲକ୍‌ରେ ଯୋଗଦେଲେ ନୂତନ ବିଡିଓ

ଗୁମ୍ମା, ୨୧।୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ନୂତନ ବିଡିଓ ଭାବେ ଯସ୍ମୀନ କୁମାର ପ୍ରଧାନ ଯୋଗ ଦେଇଛନ୍ତି। ସେ ଏହାପୂର୍ବରୁ ଭୁବନେଶ୍ୱର ବିଏମସିର ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ।



ପୂର୍ବରୁ ବିଡ଼ିଓ ଥିବା ଶରତ କୁମାର ପାତ୍ରଙ୍କୁ କାଶୀନଗର ବ୍ଲକ ବଦଳି ହୋଇଛି। ବୁଧବାର ଶ୍ରୀ ପାତ୍ର ନୂତନ ବିଡ଼ିଓ ଶ୍ରୀ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ଭାବେ ଯୋଗଦାନ କରିଥିବା ଶ୍ରୀ ପ୍ରଧାନ ଗୁମ୍ମା ବ୍ଲକର ସାମଗ୍ରିକ ବିକାଶ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ସୁବିଧା ଯୋଗାଇ ଦେବା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ସହ ନିର୍ବାଚନ ପରିଚାଳନା ଠିକ ଭାବେ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ନୂତନ ବିଡିଓଙ୍କୁ ବ୍ଲକ କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧି ଓ ବିଭିନ୍ନ ସଂଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା



ବାଲିଗୁଡା, ୨୧।୨(ସମିସ): ଅନୁସୂଚିତ ଜନଜାତି ଯୁବକ, ଯୁବତୀଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ସହ ଉତ୍ତମ ରୋଜଗାରକ୍ଷମ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ। ଆଦିବାସୀ ଯୁବକଯୁବତୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ସହ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ନିଜକୁ ସାମିଲ କରିବା ପାଇଁ ଦେଶରେ ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସଭାଗୃହରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଗୁଡା ଉପଜିଲ୍ଲାପାଳ ରୀନା ପ୍ରଧାନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ପ୍ରକଳ୍ପ ପରିଚାଳକ ସମୀରନ ନାୟକ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନସ୍ତ ୮୫ ଜଣ ଆଦିବାସୀ ଯୁବକ, ଯୁବତୀଙ୍କୁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଛେଲିଗଡ଼, ୨୧।୨(ସମିସ): ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ସ୍ଥିତ ଡ଼. ବି. ଆର. ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରା.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖରସେଲ, ମୁଖ୍ୟବକ୍ତା ଭାବେ ରା. ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ସମ୍ମାନିତ ଅତିଥିଭାବେ ୧୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ଦଳାଇ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିଶ୍ଚନ୍ଦ୍ର ରଇତ, ପରିଚାଳନା କମିଟି ପୂର୍ବତନ ସମ୍ପାଦକ ବନମାଳୀ ଶବର, ରାମଗିରି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ଦଳାଇ, ମହାବିଦ୍ୟାଳୟ ସାଧାରଣ କମିଟି ସଭାପତି ଯୁଧିଷ୍ଠିର ବଡମୁଣ୍ଡି, ସଦସ୍ୟା ବିଷ୍ଣୁପ୍ରିୟା ମହାନ୍ତି ଏବଂ ରାମଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ବଡମୁଣ୍ଡି ମଞ୍ଚାସିନ ଥିଲେ। ଅତିଥି ମାନେ ମହାବିଦ୍ୟାଳୟର ଉନ୍ନତି ଓ ଶିକ୍ଷାର ବିକାଶ ଉପରେ ନିଜ ନିଜ ଅଭିଭାଷଣ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମଟିକୁ ମହାବିଦ୍ୟାଳୟ ଅଧ୍ୟାପକ ବାୟାଧର ବଡ଼କୁମର ପରିଚାଳନା କରିଥିଲେ।

## ପାଞ୍ଚ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ଫିରିଙ୍ଗିଆ, ୨୧।୨(ସମିସ) : ଗଞ୍ଜେଇ ଚାଲାଣର ପେଣ୍ଠସ୍ଥଳୀ କୁହାଯାଉଥିବା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ପୁଲିସକୁ ମିଳିଛି ପୁଣି ଏକ ବଡ଼ ସଫଳତା। ଥାନା ଅଧୀନରେ ଥିବା ଏକ ଜଙ୍ଗଲରେ ଅତର୍କିତ ଚଢ଼ଉ କରି ପୁଲିସ ପାଞ୍ଚ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି। ପୁଲିସକୁ ଦେଖି ଗଞ୍ଜେଇ ଚୋରାଚାଲାଣରେ ଜଡିତ ମାଫିଆ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଦିନ ଏକ ବିଶେଷ ସୂତ୍ରରୁ ଖବର ପାଇ ତଳଦଣ୍ଡିକିଆ ମୁଖ୍ୟ ରାସ୍ତାର ଜୋକେ ଛକ ନିକଟରେ ଥିବା ଜଙ୍ଗଲରେ ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଜଙ୍ଗଲ ଭିତରେ ପ୍ରସ୍ତୁତି ଚଳାଇଥିବା ମାଫିଆ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ପୁଲିସ ଉକ୍ତ ଗଞ୍ଜେଇ ଜବତ କରି ଏକ ମାମଲା ରୁଜୁ କରିଛି।

## ୬ଦଫା ଦାବି ନେଇ ଆନ୍ଦୋଳନରେ ରାଜସ୍ୱ କ୍ଷେତ୍ର ଅଧିକାରୀ



ନୂଆଗଡ଼, ୨୧।୨(ସମିସ): ଓଡ଼ିଶା ରାଜ୍ୟ ରାଜସ୍ୱକ୍ଷେତ୍ରଅଧିକାରୀ ସଂଘରଆହ୍ୱାନକ୍ରମେ ଗଜପତି ଜିଲ୍ଲା ନୂଆଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରାଜସ୍ୱ କ୍ଷେତ୍ର ଅଧିକାରୀ ୬ଦଫା ଦାବି ନେଇ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ୩ଦିନ ହେଲା ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ନ ଯାଇ କଲମ ଛାଡ଼ି ଆନ୍ଦୋଳନ କରୁଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ କଲମ ଛାଡ଼ି ଆନ୍ଦୋଳନରେ ବସିବାକୁ ଚେତାବନୀ ଦେଇଛନ୍ତି ରାଜସ୍ୱ କ୍ଷେତ୍ର ଅଧିକାରୀ। ବ୍ଲକର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରାଜସ୍ୱ କ୍ଷେତ୍ର ଅଧିକାରୀ ଧିରେନ୍ କୁମାର ପଣ୍ଡା, ନଳିନୀକାନ୍ତ ପଟ୍ଟନାୟକ, ସୁଜାତା ସିଂ, ଯମୁନା ବେହେରଦଳାଇ, ବଳରାଜ ସାହାଣୀ, ଏନ୍. ରାମକ୍ରୀଷ୍ଣା, ସୁଶାନ୍ତ ଗମାଙ୍ଗ, ଏଆରଆଇ ରଜେଶ୍ୱର ରଇତ ଓ ଶକୁନ୍ତଳା ଭୂୟାଁ ଧାରଣାରେ ବସିଛନ୍ତି।

## ଜିପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ / ଗୁମ୍ମା ୱାରିସ୍ ଚାମ୍ପିଅନ

ଗୁମ୍ମା, ୨୧।୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମ ରେ ଚାଲିଥିବା ଜିପିଏଲ ସିଜନ-୫ (ଗୁମ୍ମା ପ୍ରିମୀୟମ ଲିଗ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଗୁମ୍ମା ୱାରିସ ଓ ଗୁମ୍ମା ୟୁନିଟାଇଡ଼-୧୧ ମଧ୍ୟରେ ହୋଇଥିଲା। ଏଥିରେ ୱାରିସ -୧୧ ବ୍ୟାଟିଂ କରି ୧୦୧ ରନର ଲକ୍ଷ୍ୟ ଦେଇଥଲା। ଜବାବରେ ୟୁନିଟାଇଡ଼-୧୧ ୭୮ ରନ କରିବାରେ ସକ୍ଷମ ହୋଇଥିଲା। ୨୨ ରନରେ ହରାଇ ଗୁମ୍ମା ୱାରିସ -୧୧ ଜିଣି ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମାଜସେବୀ ରାଜୁ ପାଣି ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ଓ ଜର୍ସି ପ୍ରଧାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଯୁବ କ୍ରିକେଟ ଖେଳାଳିଙ୍କୁ ନେଇ ଖେଳାଯିବା ସହ ଗୁମ୍ମା ଅଞ୍ଚଳର ବଛା ବଛା ଖେଳାଳୀଙ୍କୁ ସୁଯୋଗ ଦିଆଯାଇଛି। ସର୍ବଶ୍ରେଷ୍ଠ ଖେଳାଳି ଭାବେ ଯୁଗଳ ଚୌଧୁରୀ, ବେଷ୍ଟ କୋଚ ଭାବେ ଅର୍ପଣ ପାଣି, ବେଷ୍ଟ ଫିଲଡ଼ର ଭାବେ ଜେସପାଟ ଶବର ଓ ବିଜେତା ଦଳକୁ ମାନପତ୍ର ପ୍ରଦାନ କରିଥିଲେ ଅତିଥି। ଉଦ୍‌ଯାପିତ ଉତ୍ସବରେ ସଞ୍ଜୀବ ଜେନା, ଅର୍ପଣ ପାଣି, ଫୁଲବୀ ସିଂ, ରାଜ ପାଣି, ସୁରରାଜ ସିଂ, ପିଣ୍ଟୁ ପାଣି ଓ ସ୍ଥାନୀୟ ଖେଳାଳି ସହଯୋଗ ଦେଇଥିଲେ।



## ଇନ୍‌ଡୋର୍ ଷ୍ଟାଡିୟମ୍ ତଦାରଖ କଲେ ଜିଲ୍ଲାପାଳ

କାଶୀନଗର, ୨୧।୨(ସମିସ): ଗଜପତି ଜିଲ୍ଲା କାଶୀନଗରରେ ନିର୍ମିତ ଇଣ୍ଡୋର ଷ୍ଟାଡିୟମ୍ ଆସନ୍ତା ୨୩ ତାରିଖରେ ଉଦଘାଟନ ହେବାକୁ ଥିବା ବେଳେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବୁଧବାର ପହଞ୍ଚି ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ତଦାରଖ ବେଳେ ତହସିଲଦାର ଅଶୋକ ପ୍ରଧାନ, ବିଡ଼ିଓ ଶରତ କୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ଭାଗବତ ସାହୁ, ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଓ ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ ଉପସ୍ଥିତ ଥିଲେ। ଏଠାରେ ବ୍ୟାଡମିଣ୍ଟନ, ଭରୋତ୍ତୋଳନ, ପରି କ୍ରୀଡ଼ା ପ୍ରତିଯୋଗିତା କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତା ହେବା ଭଳି ଏହି ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଖେଳାଳି, ଛାତ୍ରଛାତ୍ରୀ ଓ ଯୁବକ, ଯୁବତୀ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ବଡ ପ୍ଲାଟଫର୍ମ ପାଇବେ। ଏଥିନେଇ ସେମାନେ ଖୁସି ଅନୁଭବ କରୁଥିବା କହିଛନ୍ତି। ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୫-ଟି ରୂପାନ୍ତରିତ ସ୍କୁଲ ଓ କଲେଜ ସରକାର କରିଥିବା ବେଳେ କ୍ରୀଡ଼ାବିତଙ୍କ ସ୍ୱପ୍ନ ସାକାର କରିବା ପାଇଁ ଏହି ଇଣ୍ଡୋର ଷ୍ଟାଡିୟମ୍ ସୁଯୋଗ ସମ୍ଭାବନା ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କାଶୀନଗର ସମସ୍ତ କ୍ରୀଡାବିତ ଧନ୍ୟବାଦ୍ ଜଣାଇଛନ୍ତି।

କମୁନି ସୀମାନ୍ତ ଗ୍ରାମବାସୀଙ୍କ ଦୁର୍ଦ୍ଦଶା

# ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କୁ ଦେଲେ ଦାବିପତ୍ର



ରାଇକିଆ, ୨୧।୨(ସମିସ):

କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର କନ୍ଧମାଳ - ଗଞ୍ଜାମ ସୀମାନ୍ତ ରଣବା ପଞ୍ଚାୟତର ବାଦଗଡ଼ ଗାଁକୁ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ସୀମାନ୍ତ ଅଞ୍ଚଳ ଏବଂ ବ୍ଲକ ମୁଖ୍ୟ ଦପ୍ତରରୁ ୫୫ କିମି ଦୂରରେ ଥିବା ଏହି ଗ୍ରାମର ୧୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ କୌଣସି ଯୋଜନା ସଫଳ ରୂପାୟନ ହୋଇପାରୁନାହିଁ। ବର୍ଷ ବର୍ଷ ଧରି ଭଲ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ରବିବାର କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ରାଇକିଆ ଗସ୍ତ ବେଳେ ଭେଟି ଦୁଃଖ ଜଣାଇଛନ୍ତି ଗ୍ରାମବାସୀ। ରାସ୍ତା ନିର୍ମାଣ ପାଇଁ ଲିଖିତ ଭାବରେ ଜଣାଇଛନ୍ତି। ଗାଁଠାରୁ ଗଞ୍ଜାମ ଜିଲ୍ଲାର ସୋରଡ଼ା ମାତ୍ର ୧୨ କିମି। ଏହି ରାସ୍ତାରୁ ଗଞ୍ଜାମର ୮ କିମି ରାସ୍ତା ସୋରଡ଼ା ବ୍ଲକ ପ୍ରଶାସନ ନିର୍ମାଣ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ମାତ୍ର ୪ କିମି ରାସ୍ତା କାମ ହୋଇପାରିନି। ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଯାଉନାହିଁ। ଏହି କାରଣରୁ ବାଦଗଡ଼ ଓ ରଣବା ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ, ଡାକ ସେବା, ସ୍ୱାସ୍ଥ୍ୟ ଭଳି ଜରୁରୀ ସେବାରୁ ବଞ୍ଚିତ ହେଉଛନ୍ତି। ନିତିଦିନିଆ ବଜାର ଓ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଗ୍ରାମବାସୀ ସୋରଡ଼ା ଉପରେ ନିର୍ଭରଶୀଳ। ଏହି ୪ କିମି ସୀମାନ୍ତ ରାସ୍ତା ନିର୍ମାଣ ହେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

# ପକାରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ଫିରିଙ୍ଗିଆ, ୨୧।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ମୁଖ୍ୟାଳୟରେ ଥିବା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ସହ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଳିକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ପକାରୀ ସରପଞ୍ଚ ଦିନିକି କହଁର, ଲୋଇସିଂ ସରପଞ୍ଚ ସୁଦର୍ଶନ କହଁର, କ୍ରାଣ୍ଡିବାଲି ସରପଞ୍ଚ ଲକ୍ଷ୍ମୀ କହଁର, ପକାରୀ ସମିତିସଭ୍ୟ ଅରୁଣ ଦିଗାଲ, ନାଏବ ସରପଞ୍ଚ ପୁର୍ଣଚନ୍ଦ୍ର କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୀବ ଲୋଚନ ଦିଗାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ଏକ ଶ୍ରେଣୀ କୋଠରୀକୁ ଅତିଥି ମାନେ ଉଦଘାଟନ କରିଥିଲେ। ଏହି ବିଦ୍ୟାଳୟ ଅଞ୍ଚଳର ସର୍ବ ପୁରାତନ ବିଦ୍ୟାଳୟ ହୋଇଥିବା ବେଳେ ଏହା ୧୯୦୮ ମସିହାରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟକରି ଅବସର ନେଇଥିବା କର୍ଣ୍ଣେଶ୍ୱର ଦେହୁରୀ, କାନୁନ ବିହାରୀ ସାହୁ, ସଚ୍ଚିଦାନନ୍ଦ ମହାପାତ୍ର, ହାରିବନ୍ଧୁ ବଳିୟାସିଂଙ୍କ ସହ ପ୍ରାୟ ଦଶଜଣ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥଲା। କିଛି ପୁରାତନ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମହିଳାଙ୍କଠାରୁ ସୁନା ଅଳଙ୍କାର ଠକିନେଲେ ୨ ମୁଖାପିନ୍ଧା ଦୁର୍ବୃତ୍ତ

ବ୍ରହ୍ମପୁର,୨୧।୨(ସମିସ)

ସୁନାଚୋରି ହୋଇଯିବ ବୋଲି ସତର୍କ କରାଇ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ଠରୁ ୧୧ଭରି ସୁନା ଅଳଙ୍କାର ଠକି ନେଇଥିବା ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ପାର୍କ ସାହିରେ ରହୁଥିବା ପି ଆରମ୍ ଜ୍ୟୋତି ନାମକ ଜଣେ ମହିଳା ଗତ ୧୯ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଏସଏନଟି ରୋଡକୁ ଫୁଲ କିଣିବାକୁ ଯାଇଥିଲେ। କିଣାକିଣି ସାରି ଘରକୁ ଫେରିବା ବେଳେ ରାସ୍ତାରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପିଛାକରି ତାଙ୍କ ସମ୍ମୁଖକୁ ଆସିଥିଲେ। ଆଗରେ ଚୋରି ହେଉଛି ତେଣୁ ସେ ପିନ୍ଧିଥିବା ସମସ୍ତ ସୁନା ଅଳଙ୍କାର ବାହାର କରି ନିଜ ଭ୍ୟାନିଟ ବ୍ୟାଗରେ ରଖିଦିଅନ୍ତୁ ବୋଲି ଦୁର୍ବୃତ୍ତମାନେ ଜ୍ୟୋତିଙ୍କୁ ପରାମର୍ଶ ଦେଇଥିଲେ। ଜ୍ୟୋତି ନଶୁଣିବାରୁ ଦୁର୍ବୃତ୍ତମାନେ ତାଙ୍କୁ ସୁନା ଅଳଙ୍କାର ବାହାର କରି ବ୍ୟାଗରେ ରଖିବାକୁ ବାଧ କରିଥିଲେ। ପରେ ଜ୍ୟୋତି ନିଜ ବେକ ଓ ହାତରେ ପିନ୍ଧିଥିବା ୧୧ଭରି ଓଜନର ୨ଟି ଚେନ ଓ ୭ଟି ସୁନା ଚୁଡି ବାହାର କରି ଦୁର୍ବୃତ୍ତଙ୍କୁ ଦେଇଥିଲେ। ଦୁର୍ବୃତ୍ତମାନେ ସେହି ସୁନା ଅଳଙ୍କାରକୁ ଏକ ପେପରରେ ଗୁଡାଇ ଜ୍ୟୋତିଙ୍କ ବ୍ୟାଗରେ ରଖିଦେଇଥିଲେ। ୫ମିନଟ ପରେ ଘରକୁ ଯାଇ ସେ ବ୍ୟାଗରୁ ସେହି ପେପର ଗୁଡାହୋଇଥିବା ବଣ୍ଡଲକୁ ବାହାର କରି ଦେଖିବା ବେଳକୁ ସେଥିରେ କିଛି ପ୍ଲାଷ୍ଟିକ ଚୁଡି ରହିଥିଲା। ଦୁର୍ବୃତ୍ତମାନେ ତାଙ୍କ ଠାରୁ ଅସଲି ସୁନା ଅଳଙ୍କାର ଠକି ନେଇ ତା'ବଦଳରେ ପ୍ଲାଷ୍ଟିକ ଚୁଡି ରଖିଦେଇଥିବା ଜଣାପଡ଼ିଥିଲା। ଏନେଇ ଜ୍ୟୋତି ନିଜ ଭାଇଙ୍କୁ ଜଣାଇବା ପରେ ସେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରହିଛି।

## ବ୍ରହ୍ମପୁର ମହିଳା ହାସ୍ୟ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ




**ବ୍ରହ୍ମପୁର,୨୧।୨(ସମିସ):** ବ୍ରହ୍ମପୁର ମହିଳା ହାସ୍ୟ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଉପସଭାନେତ୍ରୀ ମନୋରମା ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ସୁଶ୍ରୀ ଆରତୀ ଦେବୀ, ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପିକା ଡଃ ଉଷା ରଥ ଓ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବିକା ସୁଶ୍ରୀ ଶୀବାନୀ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରର ସମ୍ପାଦିକା ରଜନୀ ପ୍ରଭା ରାଜଗୁରୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୋଗକେନ୍ଦ୍ରର ସଦସ୍ୟାଙ୍କ ପକ୍ଷରୁ ଗଣେଷ ବନ୍ଦନା, ଜଗନ୍ନାଥ ଭଜନ, ଯୋଗାସନ, ହାସ୍ୟ ଯୋଗାସନ, ଗୀତିନାଟ୍ୟ (ପେଟେଣ୍ଟ ମେଡିସିନ), ଦାସକାଠିଆ ଭଜନ ଓ କବିତା ପାଠ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। କେନ୍ଦ୍ରର ବରିଷ୍ଠ ସଦସ୍ୟା ଶାନ୍ତିଲତା ପାତ୍ର ଓ ରତ୍ନମାଳା ପାତ୍ର ମଞ୍ଚାସୀନ ଥିଲେ। ମିନାକ୍ଷୀ ପଟ୍ଟନାୟକ, ରଞ୍ଜିତାପାଳ, ପ୍ରୀୟଦର୍ଶନୀ, ପ୍ରୀୟମ୍ବଦା, ସଂଯୁକ୍ତା ପାଢୀ, କଲ୍ୟାଣୀ ମହାପାତ୍ର, ମମତା ଭଟ୍ଟ, ଲକ୍ଷ୍ମୀ ପଟ୍ଟନାୟକ, ସଂଗୀତା କ୍ରୀଷ୍ଣା, ବିଜୟ ଲକ୍ଷ୍ମୀ, ନମିତା ପାଢୀ, ପ୍ରୀତିନନ୍ଦା ପଟ୍ଟନାୟକ, ଜଲି ବିଶୋୟୀ, ଝୁନୁ ସାହୁ, ଅଞ୍ଜଳୀ ମହାପାତ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ବାର୍ଷିକ ଉତ୍ସବ ଅବସରରେ କଳସ ଯାତ୍ରା

**ବ୍ରହ୍ମପୁର,୨୧।୨(ସମିସ):** ସ୍ଥାନୀୟ ପାଣିଗ୍ରାହୀପେଣ୍ଠ ମା ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠାର ଦୁଇ ଦିନିଆ ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ଏହାର ପ୍ରଥମ ଦିନରେ ବୁଧବାର ଶହ ଶହ ମହିଳାମାନେ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ପହଞ୍ଚିଥିଲେ। ସେଠାରୁ ସମସ୍ତ ମହିଳାମାନେ କଳସରେ ପାଣି ଧରି ପୁଣି ନଗର ପରିକ୍ରମା କରି ମନ୍ଦିର ନିକଟରେ ନିର୍ମିତ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ଉତ୍ସବ ଆରମ୍ଭ ହୋଇଥିଲା। ସେହିପରି ସକାଳ ସମୟରୁ ସମସ୍ତ ନିତିନିୟମ ଅନୁଯାୟୀ ମାଙ୍କ ପୂଜାର୍ଚ୍ଚନା ଜାରି ରହିଥିଲା। ଆସନ୍ତାକାଲି ନାମ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ। ଏ ଅବସରରେ ସାରା ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ମନ୍ଦିର ପରିଚାଳନା କମିଟି ସଭାପତି ଦଣ୍ଡପାଣି ସାହୁ, ସାଧାରଣ ସମ୍ପାଦାକ ମଧୁସୂଦନ ଆଚାର୍ଯ୍ୟ, ସଦସ୍ୟ ରୋଶନ ସାହୁ ପ୍ରମୁଖ ସଂଯୋଜନାରେ ଏହି ଉତ୍ସବ ଆୟୋଜିତ ହୋଇଛି। ସେହିପରି ସ୍ଥାନୀୟ କର୍ପୋରେଟର ପଦ୍ମିନୀ ମିଶ୍ର, ପୂର୍ବତନ କର୍ପୋରେଟର ରାକେଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ବାସିନ୍ଦା ପରିଚାଳନାରେ ସହଯୋଗ କରିଥିଲେ।

## ଗୋପାଳପୁର ସମବାୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ତାଲିମ ଶିବିର



**ବ୍ରହ୍ମପୁର,୨୧।୨(ସମିସ):** ଓଡିଶା ରାଜ୍ୟ ସମବାୟ ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ ଗୋପାଳପୁର ପକ୍ଷରୁ ଏକଦିନିକିଆ ସମବାୟ ସଚେତନା ତାଲିମ୍ କାର୍ଯ୍ୟକ୍ରମ ଆସିକା ସ୍ଥିତ ଆସିକା କେନ୍ଦ୍ର ବହୁମୂଖି ସମବାୟ ସମିତି ଲିଃ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ (ସଦର ଶାଖା) ଅଧିନସ୍ଥ ୧୦ଗୋଟି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି, ସମ୍ପାଦକ ଓ ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଆସିକା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବିଜୟ କୁମାର ସାହୁ, ଆସିକା ସମବାୟ ଚିନିଶିଳ୍ପର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ରାମ ମୋହନ ପାତ୍ର, ଗଞ୍ଜାମ ଜିଲ୍ଲା ସମବାୟ ସଂଘର ସଭାପତି ତଥା ଓଡିଶା ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ରଣା, ଗଞ୍ଜାମ ଜିଲ୍ଲା ସମବାୟ ସଂଘ ନିର୍ଦ୍ଦେଶକ ତଥା ଆସିକା କେନ୍ଦ୍ର ବହୁମୂଖି ସମବାୟ ସମିତି ଲିଃର ପୂର୍ବତନ ସଭାପତି ସୁର୍ଯ୍ୟକାନ୍ତ ପରିଡା, ଓଡିଶା ରାଜ୍ୟ ସମବାୟ ଖାଉଟି ସମବାୟ ସଂଘର ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାମଲ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ଅତିରିକ୍ତ ସମ୍ପାଦକ ତଥା ଆସିକା କେନ୍ଦ୍ର ବହୁମୂଖି ସମବାୟ ସମିତି ଲିଃ ନିର୍ଦ୍ଦେଶକ ଇଂ.ସଚିଦାନନ୍ଦ ରାଉତ, ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧ୍ୟକ୍ଷ ଡି. କୃଷ୍ଣା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସମବାୟ ସମିତି ମାଧ୍ୟମରେ କୃଷିର ବିକାଶ ଓ କୃଷକଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିବା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆସିକା କେନ୍ଦ୍ର ବହୁମୂଖି ସମବାୟ ସମିତି ଲିଃର ସମ୍ପାଦକ ଅଲେଖନାଥ ପ୍ରଧାନ ସହଯୋଗ କରିଥିଲେ। ପରିଶେଷରେ ପ୍ରତିଷ୍ଠାନର ପରିଚାଳିକା ଅଧ୍ୟାପିକା ଶ୍ରୀମତୀ ମମତା ସାହୁ ଧନ୍ୟବାନ ଅର୍ପଣ କରିଥିଲେ।

## ଟ୍ରକ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

ବ୍ରହ୍ମପୁର,୨୧।୨(ସମିସ): ଦୁର୍ଘଟଣା ମାମଲାରେ ସଦର ଥାନା ପୁଲିସ ଜଣେ ଟ୍ରକ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣକ ହେଲେ ରାଜସ୍ଥାନର ଟି .ଶଙ୍କର ପତିଦର(୩୭)। ସୂଚନାଯୋଗ୍ୟ ଯେ' ବେଗୁନିଆପଡ଼ା ଥାନା ଅନ୍ତର୍ଗତ କନିଆରୀ ବଡ଼ି ଗ୍ରାମ ନିବାସୀ ମିଟୁ ନାୟକ(୪୫)ଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ଗତ ୧୭ତାରିଖରେ ବ୍ରହ୍ମପୁର ବଡ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ୧୮ତାରିଖ ବିଳମ୍ବିତ ରାତିରେ ମିଟୁ ମେଡ଼ିକାଲରୁ କାହାକୁ କିଛି ନଜଣାଇ କେଉଁଆଡେ ଚାଲିଯାଇଥିଲେ। ଏନେଇ ମିଟୁଙ୍କ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ୧୯ତାରିଖ ରାତିରେ ମିଟୁଙ୍କର ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଘଟଣା ସ୍ଥଳରୁ ପୁଲିସ ମିଟୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଥିଲା। ପରେ ମିଟୁଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମିଟୁଙ୍କ ଶଳା ପ୍ରଦୀପ ପଡ଼ିଆଳି ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବୁଧବାର ଅଭିଯୁକ୍ତ ତଥା ଟ୍ରକ ଡ୍ରାଇଭର ଟି .ଶଙ୍କର ପତିଦରକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଉଜ୍ଜ୍ୱଳେଶ୍ୱର ପୀଠରେ ବିଶ୍ୱଶାନ୍ତି ଶ୍ରୀରାମ ତାରକ ମହାଯଜ୍ଞ



**ବ୍ରହ୍ମପୁର,୨୧।୨(ସମିସ):** ଖେମୁଣ୍ଡି ତାଲୁକା ଅନ୍ତର୍ଗତ ଖମାରିଗାଁରେ ବିଜେ ଶ୍ରୀ ଶ୍ରୀ ଉଜ୍ଜ୍ୱଳେଶ୍ୱରଙ୍କ ପବିତ୍ର ପୀଠରେ ଦ୍ୱାଦଶତମ ବିଶ୍ୱଶାନ୍ତି ଶ୍ରୀରାମ ତାରକ ମହାଯଜ୍ଞ ଗତ ୧୪ ତାରିଖ ମାଘ ଶୁକ୍ଳ ଶ୍ରୀପଞ୍ଚମୀ ତିଥିରେ ଶୁଭାରମ୍ଭ ହୋଇଛି। ଏହି ମହାଯଜ୍ଞ କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ସମାପିତ ହେବ। ପ୍ରତି ତିନି ବର୍ଷରେ ଥରେ ଉକ୍ତ ପୀଠରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ମହାଯଜ୍ଞ ପୂଜ୍ୟଶ୍ରୀ ରାମ ପାଗଳ ଦାସ ବାବାଙ୍କ ସାଧୁ ଉଦ୍ୟମରେ ଏବଂ ଅଞ୍ଚଳରେ ସର୍ବସାଧାରଣଙ୍କ ଆନ୍ତରିକ ସହଯୋଗରେ ପରିଚାଳିତ ହେଉଥିଲା । ସମ୍ପ୍ରତି ବାବାଙ୍କ ଅବର୍ତ୍ତମାନରେ ମଧ୍ୟ ଏହି ଯଜ୍ଞାନୁଷ୍ଠାନ କାର୍ଯ୍ୟ ସଜ୍ଜନମାନଙ୍କ ସାହାଯ୍ୟ ଓ ସହଯୋଗରେ ଅନୁଷ୍ଠିତ ହେଉଛି । ସଭାପତି ବିଜୟ ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ପାଠୀ, ପ୍ରଶାନ୍ତ କୁମାର ସାହୁ, ଉଜ୍ଜ୍ୱଳ ମହାନ୍ତି, ଦଣ୍ଡପାଣି ସାହୁ, ଉପଦେଷ୍ଟା ମହନ୍ତ ପଦ୍ମଚରଣ ଦାସ, ପଦ୍ମଲୋଚନ ରାମାନୁଜ ଦାସ, ବିଭୂତି ଭୂଷଣ ମହାପାତ୍ର, ରଂଜନ କୁମାର ପାଣିଗ୍ରାହୀ, ରବି ଚୌଧୁରୀ, ପ୍ରସନ୍ନ ଗୌଡ଼, ଅସିତ୍ କୁମାର ସାହୁ, ଦଣ୍ଡପାଣି ସାହୁଙ୍କ ସହଯୋଗରେ ଅନୁଷ୍ଠିତ ଏହି ମହାଯଜ୍ଞ ପଣ୍ଡିତ ଡ଼. ସୁଧାଂଶୁ ଶେଖର କର, ଭବାନୀ ଶଙ୍କର ତ୍ରିପାଠୀ, ସୁବ୍ରତ କୁମାର ତ୍ରିପାଠୀ, ହରିକୃଷ୍ଣ ପୁରୋହିତ, ଚନ୍ଦନ କୁମାର ଦାଶ, ପରମେଶ୍ୱର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରେଣ୍ୟ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଏଥିରେ ପ୍ରବଚକ ଭାବେ ପ୍ରତ୍ୟହ ସନ୍ଧ୍ୟାରେ ପଣ୍ଡିତ ମାନସ ରଂଜନ ମହାରାଜ ଓ ମାନସ ମନ୍ଦାକିନୀ ପ୍ରେମଲତା ଦାଶ ପ୍ରବଚନ ପ୍ରଦାନ କରୁଛନ୍ତି । ଏହି ଅବସରରେ ଐତିହାସିକ ମହାଯଜ୍ଞ କାର୍ଯ୍ୟକ୍ରମରେ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ଅନ୍ନଯଜ୍ଞ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି ବୋଲି ମହାଯଜ୍ଞ କମିଟିର ସଦସ୍ୟ ରବି ରଥ ପ୍ରକାଶ କରିଛନ୍ତି।

## ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକଲରେ ଆନ୍ଧ୍ରରୁ ନେପାଳ ଯାତ୍ରା

**ବ୍ରହ୍ମପୁର,୨୧।୨(ସମିସ):** ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ କରିବା ସହିତ ସେଭ୍ ୱାଟର ସେଭ୍ ଆର୍ଥ୍‌ର ବାର୍ତ୍ତା ଦେବାପାଇଁ ଜଣେ ଯୁବକ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ସେ ହେଉଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟ କଡପ୍ପା ଜିଲ୍ଲା ଓବୁଲାବାରିପଲ୍ଲୀ ଗ୍ରାମର ଶିବ ଶଙ୍କର। ଶିବ ଚଳିତମାସ ୧୨ତାରିଖରୁ ନିଜ ଗ୍ରାମରୁ ଏହି ସଚେତନତା ସାଇକେଲ ଶୋଭାଯାତ୍ରାରେ ବାହାରିଛନ୍ତି। ସେ ନେପାଳ ଯିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦୈନିକ ସେ ସାଇକେଲରେ ୧୨୦କିଲୋମିଟର ଯାତ୍ରା କରିଛନ୍ତି। ଏହି ସମୟରେ ସେ ଧର୍ମାନୁଷ୍ଠାନ ଓ ମନ୍ଦିର ଗୁଡ଼ିକୁ ଯାଇ ସେହି ସ୍ଥାନରେ ଲୋକଙ୍କୁ ସଚେତନତା କରୁଛନ୍ତି। ପେଶାରେ ଜଣେ ରଙ୍ଗ ମିସ୍ତ୍ରୀ ତଥାପି ଲୋକଙ୍କ ମଧ୍ୟରେ ସଚେତନତା ପହଞ୍ଚାଇବା ପାଇଁ ସେ ନିଜର ଛୋଟିଆ ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ସାକ୍ଷାତକାର ସମୟରେ କହିଛନ୍ତି। ଏହା ତାଙ୍କର ଦ୍ୱିତୀୟ ସାଇକେଲ ଯାତ୍ରା ହୋଇଥିବା ବେଳେ ପ୍ରଥମେ ସେ ନିଜ ଗ୍ରାମରୁ କନ୍ୟାକୁମାରୀ ଅଭିମୁଖେ ବାହାରଥିଲେ। ସେ କନ୍ୟାକୁମାରୀ ଯାଇ ନିଜ ଗ୍ରାମକୁ ପୁଣି ସାଇକେଲରେ ପାଖାପାଖି ୨୦୪୦କିଲୋମିଟର ଯାତ୍ରା ସାରି ଫେରିଥିଲେ। ବର୍ତ୍ତମାନ ସେ ନିଜ ଗ୍ରାମରୁ ପାଖାପାଖି ୧୦୩୦ କିଲୋମିଟର ଅତିକ୍ରମ କରି ସାରିଛନ୍ତି। ନିଜ କର୍ମମୟ ଜୀବନରୁ କିଛି ସଞ୍ଚୟ କରି ସେ ଏହିପରି ସଚେତନତା ବାର୍ତ୍ତା ଦେବା ପାଇଁ ବିଭିନ୍ନ ସମୟରେ ସାଇକେଲ ଯାତ୍ରା କରୁଥିବା ବୁଧବାର ଦିନ ବ୍ରହ୍ମପୁରଠାରେ ସାମ୍ବାଦିକଙ୍କୁ ସାକ୍ଷାତକାର ସମୟରେ କହିଛନ୍ତି।



## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ

**ବ୍ରହ୍ମପୁର,୨୧।୨(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ଡ. ସାହୁ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଓ ଅଧ୍ୟାପକ କୁରେଶୁ ମହାରଣା ମଞ୍ଚାସିନ ଥିଲେ। ସମସ୍ତେ ନିଜ ନିଜ ଅଭିଭାଷଣରେ ମାତୃଭାଷାର ମହନୀୟତା ସମ୍ପର୍କରେ ଉଲ୍ଲେଖ କରିବା ସହ ଦିବସ ପାଳନର ମହତ୍ତ୍ୱ ଓ ଏହାର ସୁଦୀର୍ଘ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସ୍ନାତକ ଶ୍ରେଣୀର ଛାତ୍ର ରୋହିତ ଭୂୟାଁ, ଡମ୍ବରୁଧର ବେହେରା ଓ ସ୍ନାତକୋତ୍ତର ଶ୍ରେଣୀର ଗଗନ ରାଉତ ଓ ସାଗର ଖର ମଧ୍ୟ ନିଜ ନିଜର ବକ୍ତବ୍ୟ ରଖି ମାତୃଭାଷା ପ୍ରତି ଥିବା ସେମାନଙ୍କ ଆନ୍ତରିକ ଭାବକୁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।




## ୬ଦଫା ଦାବି ନେଇ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



**ବ୍ରହ୍ମପୁର,୨୧।୨(ସମିସ):** ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀ ସଂଘର ପକ୍ଷରୁ ଗତ ୩ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ସୁପରଭାଇଜର ମାନେ ୬ଦଫା ଦାବି ନେଇ କାର୍ଯ୍ୟାଳୟ ପରିସରରେ ଧାରଣାରେ ସାମିଲ ହୋଇଛନ୍ତି। ସେମାନଙ୍କ ଦାବିଗୁଡ଼ିକ ହେଲା ରାଜ୍ୟ ରାଜସ୍ୱ କ୍ଷେତ୍ରୀୟ କର୍ମଚାରୀଙ୍କ ପୁନର୍ଗଠନ କରିବା, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ବୃଦ୍ଧି କରିବା, ରାଜସ୍ୱ ସୁପରଭାଇଜର ପଦବିର ନାମକରଣ ଅତିରିକ୍ତ ତହସିଲଦାରକୁ ପରିବର୍ତ୍ତନ କରିବା, ସେବା କାର୍ଯ୍ୟକାଳ ଏବଂ ରାଜସ୍ୱ ପ୍ରଶାସନର ଅଭିଜ୍ଞତା ଉପରେ ଆଧାରିତ ପଦୋନ୍ନତି ପାଇଁ ସଂରକ୍ଷିତ ରଖାଯାଉ ଓ କୃଷି ସମ୍ବନ୍ଧିତ ସମସ୍ତ କାର୍ଯ୍ୟ କୃଷି ବିଭାଗକୁ ସ୍ଥାନାନ୍ତର କରିବା ସହ ଅନ୍ୟାନ୍ୟ ଦାବି ନେଇ ସଂଘ ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯାଇଛି। ପୂର୍ବରୁ ଏହି ଦାବିଗୁଡ଼ିକୁ ନେଇ ଆନ୍ଦୋଳନ କରାଯାଇଥିଲେ ହେଁ ତାହା ପୂରଣ ହୋଇନଥିଲା। ଯାହାକୁ ନେଇ ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ବିଭିନ୍ନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ୬ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ନୀଳାଞ୍ଚଳ ବେହେରା, ଜ୍ୟୋତ୍ସ୍ନାରାଣୀ ପରିଡ଼ା, ସ୍ମିତାରାଣୀ ନାୟକ, ସରସ୍ୱତୀ କହଁର, ନିରଞ୍ଜନ ମହାନ୍ତି, ମଳୟ କୁମାର ନାୟକ, ଜିତେନ୍ଦ୍ର କୁମାର ଗୌଡ, ବିରେନ୍ଦ୍ର ଶବର, ଦଣ୍ଡପାଣି ସେଠୀ ଓ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୨୧।୨(ସମିସ): ଗଞ୍ଜାମ ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଉପ ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶା ନିର୍ବାଚନ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦଣ୍ଡଯାତ୍ରା ସମୟ ପରେ ନିର୍ବାଚନ ତାରିଖ ଧାର୍ଯ୍ୟ କରିବା ନିମନ୍ତେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ମଞ୍ଚ ପକ୍ଷରୁ ଡେପୁଟି କଲେକ୍ଟର ରାମ ବିରାମ ସୁବ୍ରତ ଶତପଥୀଙ୍କୁ ସାକ୍ଷାତ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲ୍ଲାର ସମସ୍ତ ଭୋଟର ଯେଉଁଭଳି ଭୋଟଦାନରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ସାଧାରଣ ନିର୍ବାଚନ ସମୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାନସିକ ଦଣ୍ଡନାଚ ଯାତ୍ରା ଚାଲୁଥିବାରୁ ବର୍ଷ ବର୍ଷ ଧରି ପ୍ରାୟ ୫ଲକ୍ଷ ଭକ୍ତ ଭୋଟଦାନ ଅଧିକାରରୁ ବଞ୍ଚିତ ହେଉଥିବା ମଞ୍ଚ ଅଭିଯୋଗ କରିଛି। ମୁଖ୍ୟତଃ ଅପ୍ରେଲ ମାସ ୧ତାରିଖ ଠାରୁ ୧୪ତାରିଖ ପର୍ଯ୍ୟନ୍ତ ଯାତ୍ରା ହୋଇଥାଏ। ଏହି ସମୟ ଭିତରେ ଭୋଟଗ୍ରହଣ ପାଇଁ ଦିନ ଧାର୍ଯ୍ୟ ନହୋଇ ତାହା ପରେ ଅର୍ଥାତ୍ ଅପ୍ରେଲ ୧୪ତାରିଖ ପରେ ଦିନ ଧାର୍ଯ୍ୟ କରିବାକୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ମଞ୍ଚର ଗୌତମ ମହାରଣା, ଧର୍ମେନ୍ଦ୍ର ଦୋରା, ଏନ. ଦିବାକର, ଚିତ୍ତ ରଞ୍ଜନ ପାଠୀ, ଏନ. ବାଲକୃଷ୍ଣ ରେଡ୍ଡୀ, ନାରାୟଣ ପ୍ରଧାନ, ସୁନିଲ ଦୋରା, ବିନୋଦ ପ୍ରଧାନ, ଗୁରା ପ୍ରଧାନ ଓ ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଲ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୨୦।୨(ସମିସ)

ବ୍ରହ୍ମପୁର ଷ୍ଟାଡିୟମଠାରେ ୧୪ତମ ଅଲ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଆଲଫା ସ୍ପୋର୍ଟିଂ କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ, ଆଲଫା କ୍ଲବ ଉପ ସଭାପତି ସଞ୍ଜୟ ବିଷୋୟୀ, ଷ୍ଟାଡିୟମ ଇନଚାର୍ଜ ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୧୨ଗୋଟି ଟିମ ଭାଗ ନେଇଛନ୍ତି। ଗତ ୧୭ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ତୃତୀୟ ମ୍ୟାଚ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ବନାମ ଆଲଫା ରାଇଜିଙ୍ଗ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ଓଭର ଖେଳି ୬ ଗୋଟି ୱିକେଟ ବିନିମୟରେ ୨୧୦ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଙ୍କିତ ରାଜ ସିଂ ୪୪ବଲ

### ଆଲଫା ସ୍ପୋର୍ଟିଂ କ୍ଲବ ବିଜୟୀ

ଖେଳି ୮୨ ରନ କରିଥିଲେ। ସେଥିରେ ବିଶାଳ ୭ଗୋଟି ଛକା ମାରିଥିଲେ ଓ ସୋମ୍ୟ ରଞ୍ଜନ ବିଶ୍ୱାଳ ୪୧ ବଲ ଖେଳି ୭୦ ରନ କରିଥିଲେ। ଲିଡସ ରାଇଜିଙ୍ଗ ଦଳ ପକ୍ଷରୁ ବୋଲିଙ୍ଗରେ ସମୀର ସାହୁ ୪ ଓଭର ପକାଇ ୨୫ ରନ ଦେଇ ୨ ଗୋଟି ୱିକେଟ ଅକ୍ତିହାର କରିଥିଲେ। ଜବାବରେ ଅଲଫା ରାଇଜିଙ୍ଗ ଦଳ ୨୦ଓଭର ଖେଳି ୭ଗୋଟି ୱିକେଟ ବିନିମୟରେ ମାତ୍ର ୧୨୮ ରନ କରିଥିଲେ। ଦଳ ପକ୍ଷରୁ ସମୀର ସାହୁ ୩୫ ବଲ ଖେଳି ୬୪ ରନ କରିଥିଲେ। ଆଲଫା ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବୋଲିଙ୍ଗରେ ହର୍ଷ ଶର୍ମା ୪ଓଭର ପକାଇ ୧୧ ରନ ଦେଇ ୨ ଗୋଟି ୱିକେଟ ଅକ୍ତିହାର କରିଥିଲେ। ଅଭିଜିତ ହୋତା ୩ ଓଭର ପକାଇ ୧୩ରନ ଦେଇ ୨ଗୋଟି ୱିକେଟ ଅକ୍ତିହାର କରିଥିଲେ। ଏହି ମ୍ୟାଚରେ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ୮୨ ରନରେ ବିଜୟୀ ହୋଇଥିଲେ। ଆଲଫା ସ୍ପୋର୍ଟିଙ୍ଗ କ୍ଲବର ଅଙ୍କିତ ରାଜ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଆମ୍ପାୟାର ଭାବେ ସୁଶାନ୍ତ କୁମାର ପଣ୍ଡା ଓ ଦିଲ୍ଲୀପ କୁମାର ସାମଲ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୁଶୀଲ କୁମାର ସୁନ୍ଦରାୟ ଓ କମେଣ୍ଟ୍ରି ଭାବେ ପ୍ରଶନ୍ନ ପାଢ଼ୀ ସହଯୋଗ କରିଥିଲେ।



## ବହୁଚର୍ଚ୍ଚିତ ସରୋଜିନୀ ପଟ୍ଟନାୟକ ହତ୍ୟା ଓ ଲୁଟପାଟ ଘଟଣାର ପର୍ଦ୍ଦାଫାସ

# ହତ୍ୟାକାରୀଙ୍କୁ ଧରାଇଦେଲା ସିସିଟିଭି

- ୩ ଅଭିଯୁକ୍ତ ଗିରଫ, ୪ଟି ମୋବାଇଲ ଓ ଗୋଟିଏ ବାଇକ ଜବତ
- ପୁଲିସ ସ୍କାନରରେ ଆନ୍ଧ୍ର ଯୁବକ



**ପାରଳାଖେମୁଣ୍ଡି, ୨୧ ।୨(ସମିସ)**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି କରଣସାହି ନିବାସୀ ବୃଦ୍ଧା ସରୋଜିନୀ ପଟ୍ଟନାୟକ (୭୨)ଙ୍କୁ ହତ୍ୟା ଓ ଲୁଟପାଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଗଜପତି ଏସପି ସ୍ୱାତୀ ଏସ୍. କୁମାର ଘଟଣା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଜାନୁଆରୀ ୨୧ତାରିଖ ମଧ୍ୟରାତ୍ରରେ ଏକୁଟିଆ ରହୁଥିବା ସରୋଜିନୀ ପଟ୍ଟନାୟକଙ୍କ ଘରକୁ ତିନିଜଣ ଅଭିଯୁକ୍ତ ପାରଳାଖେମୁଣ୍ଡି କରଣସାହି ନିବାସୀ ଅମିତ ପଟ୍ଟନାୟକ (୨୯), ପ୍ରତୀକ ପଟ୍ଟନାୟକ (୨୩) ଏବଂ କାଶୀନଗର ଥାନା ଅନ୍ତର୍ଗତ କୋଲାଗାଁ ନିବାସୀ ଦାଉଦ ଜେନା ଓରଫ୍ ଡେଭିଡ (୨୩) ପଶିଥିଲେ। ଅଭିଯୁକ୍ତ ମାନେ ବୃଦ୍ଧା ସରୋଜିନୀଙ୍କ ବେକରେ ଥିବା ସୁନା ଅଳଙ୍କାର ସମେତ ତୁଳସୀ ମାଳୀ, ଗୋଟିଏ ସୁନା ମୁଦି, ୫ଟି ଚୁଡିକୁ ବଳପୂର୍ବକ ଛଡାଇଥିଲେ। ସରୋଜନୀ ଅଭିଯୁକ୍ତଙ୍କୁ ଚିହ୍ନି ଦେବା ସହ ଲୁଟପାଟର ପ୍ରତିବାଦ କରିଥିଲେ। ଫଳରେ ଅଭିଯୁକ୍ତମାନେ ସରୋଜିନୀଙ୍କ ତଣ୍ଟି ଓ ପାଟିକୁ ଜାବୁଡି ଧରି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳ ତଥା ସମଗ୍ର ଘରେ ଲଙ୍କାଗୁଣ୍ଡ ବିଛାଇ ଦେଇ ଚମ୍ପଟ ମାରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଗଜପତି ଏସପି ସ୍ୱାତୀ ଏସ୍. କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ଏସ.ଡି.ପି.ଓ. ମାଧବାନନ୍ଦ ନାୟକ ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ତଦନ୍ତ କରାଯାଇଥିଲା। ପ୍ରାଥମିକ ଅବସ୍ଥାରେ ହତ୍ୟାକାଣ୍ଡକୁ ନେଇ କୌଣସି ସୁରାକ ମିଳିନଥିବା ନେଇ ଚିନ୍ତାରେ ପଡ଼ିଥିଲା ପୁଲିସ। ପରେ ବାଧ ହୋଇ ପାରଳାଖେମୁଣ୍ଡି ସମେତ ଆନ୍ଧ୍ରପ୍ରଦେଶର ହୀରମଣ୍ଡଳ, ସାରୁଭୁଜିଲି, ପୁରୁଣାପାଟଣା ଏବଂ ଶ୍ରୀକାକୁଳମ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ପୁଲିସ ହାତରେ ଅଭିଯୁକ୍ତମାନଙ୍କ ସୁରାକ ଲାଗିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସୂଚନା ପ୍ରକାରେ ଅଭିଯୁକ୍ତ ଅମିତ ପଟ୍ଟନାୟକ ଓ ପ୍ରତୀକ ପଟ୍ଟନାୟକ ମୃତ ସରୋଜିନୀଙ୍କ ପଡୋଶୀ। ଏକୁଟିଆ ରହୁଥିବା ସରୋଜନୀଙ୍କ ଘରେ ଲୁଟପାଟ କରିବାର ଯୋଜନା କରି ଉଭୟେ କାଶୀନଗର ଥାନା ଅନ୍ତର୍ଗତ କୋଲାଗାଁର ଦାଉଦଙ୍କ ସହଯୋଗ ଲୋଡିଥିଲେ। ପରେ ତିନିଜଣ ଏକାଠି ହୋଇ ଏହି ହତ୍ୟାକାଣ୍ଡ ଓ ଲୁଟପାଟ ଭିଆଇଥିବା ଗଜପତି ଏସପି ସୂଚନା ଦେଇଛନ୍ତି। ବୃଦ୍ଧା ସରୋଜିନୀଙ୍କୁ ହତ୍ୟା କରିବା ପରେ ତାଙ୍କ ଠାରୁ ଲୁଟି ନେଇଥିବା ସମସ୍ତ ଅଳଙ୍କାରକୁ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମର ଜଣେ ମଧ୍ୟସ୍ଥିଙ୍କ ସହାୟତାରେ ମନାପୁରମ୍ ସୁନାଋଣ ପ୍ରଦାନକାରୀ ସଂସ୍ଥାରେ ୯୦ହଜାର ଟଙ୍କାରେ ବନ୍ଧକ ରଖିଥିବା ନେଇ ପୁଲିସ ତଦନ୍ତ ଓ ଜେରାବେଳେ ଜାଣିପାରିଥିଲା। ଯାହାକି ସମ୍ପୃକ୍ତ ଋଣ ପ୍ରଦାନକାରୀ ସଂସ୍ଥା ଦ୍ୱାରା କୋର୍ଟରେ ଉପସ୍ଥାପନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ସୁନା ଯାହାଙ୍କ ନାମରେ ତଥା ମଧ୍ୟସ୍ଥି ଭାବେ ବନ୍ଧା ପକାଇଛନ୍ତି ସେ ବର୍ତ୍ତମାନ ପୋଲିସ ସ୍କାନରରେ ଥିବା ସୂଚନା ମିଳିଛି। ଜେରାବେଳେ ସମସ୍ତ ୩ଜଣ ଅଭିଯୁକ୍ତ ଘଟଣା ସମ୍ପର୍କରେ ସ୍ୱୀକାର କରିବା ପରେ ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏସପି ସ୍ୱାତୀ ଏସ କୁମାର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ଠାରୁ ୪ଟି ସ୍ମାର୍ଟ ଫୋନ୍ ଏବଂ ଗୋଟିଏ ବାଇକ ଜବତ କରାଯାଇଛି।

## ବିଜୁ ଛାତ୍ର ଜନତା ଦଳ ଉପସଭାପତି ନିଲମ୍ବିତ

**ପାରଳାଖେମୁଣ୍ଡି, ୨୧।୨(ସମିସ):** ଦଳବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଅମିତ କୁମାର ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ବିଶ୍ୱଜିତ ତ୍ରିପାଠୀ ଏନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

**କାଶୀନଗର, ୨୧ ।୨(ସମିସ):** ଗତ ୧୯ ତାରିଖରେ ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ଅଙ୍କରଡା ରାଜ୍ୟ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଗଛକୁ ସ୍କୁଟି ଧକ୍କା ଦେଇଥିଲା। ଏଥିରେ ସ୍କୁଟି ଚଳାଉଥିବା ଝିଅର ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଥିଲେ। ସେ ଆନ୍ଧ୍ରର ଶ୍ରୀକାକୁଲମରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବି ମୃତ୍ୟୁ ଘଟିଛି। ସୂଚନା ମୁତାବକ ପାରଳାଖେମୁଣ୍ଡି ସହର ବାସିନ୍ଦା ରାମେୟ ପାସପୁରେଡ୍ଡିଙ୍କ ପତ୍ନୀ ନିର୍ମଳା ପାସୁପୁରେଡ୍ଡି ଓ ଝିଅ ଭାରତୀ ପାସୁପୁରେଡ୍ଡି ଏକ ସ୍କୁଟି ଯୋଗେ ଗୁଣୁପୁର ଗ୍ରାମର ସମ୍ପର୍କୀୟଙ୍କ ଭୋଜିକୁ ଯାଇ ନିଜ ଘରକୁ ଫେରୁଥିବା ବେଳେ ଅଙ୍କରଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଝିଅ ଭାରତୀଙ୍କୁ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ମା ନିର୍ମଳା ଗୁରୁତର ହୋଇଥିବାରୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେ ଅତି ଗୁରୁତର ଥିବାରୁ ତାଙ୍କୁ ଆନ୍ଧ୍ରର ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତ୍ରରେ ତାଙ୍କର ମୃତ୍ୟୁ ଘଟିଥିବାର ଜଣାପଡ଼ିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରୀୟ କାୟାକଳ୍ପ ଟିମ୍

**କ.ନୂଆଗାଁ, ୨୧।୨(ସମିସ):** କନ୍ଧମାଳ ଜିଲା କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି କେନ୍ଦ୍ରୀୟ କାୟାକଳ୍ପ ଟିମ। ଏଥିରେ ଡ. ବିଜୟ କୁମାର ଧଳ, ଡା. ସଂଗ୍ରାମ ଦାସ ଓ ସମ୍ବିତ ଜେନା ସାମିଲ ଥିଲେ। ପ୍ରଥମେ ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ଔଷଧ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ହସ୍ପିଟାଲ ଚାରିପାଖ ବୁଲି ଦେଖିବା ସହ ଅଭିଯୋଗ ବକ୍ସରେ ଅଭିଯୋଗପତ୍ର ପଡ଼ିଛି କି ନାହିଁ ତାହା ତଦାରଖ କରିଥିଲେ। ତା ପରେ ହସ୍ପିଟାଲ ପରିଦର୍ଶନ କରିଥିବା ବିଧାୟକ, ଏନଜିଓଙ୍କ ତଥ୍ୟ ଦେଖି ପ୍ରତ୍ୟେକ ବିଭାଗ ପରିଦର୍ଶନ କରିଥିଲେ। ଉପସ୍ଥିତ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ ଓ ସମସ୍ତ ବିଭାଗର କର୍ମଚାରୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା କାୟାକଳ୍ପ ଆସିଷ୍ଟାଣ୍ଟ ମେନେଜର ଦୁଷ୍ମନ୍ତ ସୁତାର, କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ପ୍ରତ୍ୟୁଷ କୁମାର ସେନାପତି, ଡ.ହେମନ୍ତ ପ୍ରଧାନ, ବିପିଏମ, ସିଏଚଓ ଅନିତା ନାୟକ, ଭିଭିଲଟିଏଚ ସମୀର ପଟ୍ଟନାୟକଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ମାନସିକ ବିକୃତ ବ୍ୟକ୍ତିର ମୃତ୍ୟୁ

**ଭଞ୍ଜନଗର, ୨୧।୨(ସମିସ):** ଭଞ୍ଜନଗର-ଫୁଲବାଣୀ ୧୫୭ନଂ ଜାତୀୟ ରାଜପଥର ଆରଟିଓ କାର୍ଯ୍ୟାଳୟ ଛକ ନିକଟ ରାସ୍ତା କଡ଼ରୁ ଏକ ଖଣ୍ଡ ବିଖଣ୍ଡିତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ମୁତାବକ ଜଣେ ମାନସିକ ବିକୃତ ବ୍ୟକ୍ତି ଅଧିକାଂଶ ସମୟରେ ସେହି ସ୍ଥାନରେ ଏକୁଟିଆ ଚଳପ୍ରଚଳ କରୁଥିବା ଦେଖାଯାଇଛି। ଆଜି ଭୋର ସମୟରେ ସେହି ବ୍ୟକ୍ତି ଉକ୍ତ ରାସ୍ତାରେ ଯାଉଥିବା ବେଳେ କୌଣସି ଅଜଣା ଗାଡ଼ି ତାକୁ ଧକ୍କା ଦେବା ଫଳରେ ସେ ରାସ୍ତାରେ ପଡ଼ି ଖଣ୍ଡିଆ ଖାବରା ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେହି ଟାଣି ନେଇ ରାସ୍ତା କଡରେ ଫୋପାଡ଼ି ଦେଇଥିଲା। କିଛି ସମୟ ପରେ ତାରମ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ପୋଲିଓ ଟିକା ନେବା ପରେ ଶିଶୁପୁତ୍ରର ଜୀବନ ଗଲା

**ବୁଗୁଡ଼ା, ୨୧।୨(ସମିସ):** ପୋଲିଓ ଟୀକା ନେବା ପରେ ଜଣେ ୫ ମାସର ଶିଶୁ ପୁତ୍ରର ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ମୃତ ଶିଶୁ ଜଣକ ହେଲେ ବୁଗୁଡ଼ା ଖାଦାଳ ସାହିର ମାଗି ନାୟକଙ୍କ ପୁତ୍ର ସାଇ ନାୟକ। ଆଜି ପୋଲିଓ ଟୀକା ଦାନ ଚାଲିଥିବାରୁ ଆଶା ଦିଦିଙ୍କ ପରାମର୍ଶକ୍ରମେ ସକାଳ ୧୧ଟା ବେଳେ ଡାକ୍ତରଖାନାରେ ପୋଲିଓ ଟୀକା ଶିଶୁକୁ ଦିଆଯାଇଥିଲା। ଜ୍ୱର ଆସିଲେ ଔଷଧ ଦେବା ପାଇଁ ଆଶା ଦିଦି ଏକ ପାରାସିଟମାଲ ସିରପ ମଧ୍ୟ ଦେଇଥିଲେ। ଟୀକା ନେବା ପରେ ଶିଶୁ ପୁତ୍ରକୁ ଧରି ବାପା ଓ ମାଆ ଘରକୁ ଫେରିଥିଲେ। ତେବେ ଆଜି ଅପରାହ୍ନ ୪ଟାରେ ଜ୍ୱର ଆସିବାରୁ ଆଶା ଦିଦି ଦେଇଥିବା ଔଷଧ ଦେଇଥିଲେ। ଔଷଧ ଦେବା ପରେ ଟିକିଏ ତାତି କମିଥିଲା କିନ୍ତୁ ରାତି ୭ଟା ବେଳକୁ ଦେହ ପୁରା ଥଣ୍ଡା ହୋଇଯାଇଥିଲା। ବୁଗୁଡ଼ା ଡାକ୍ତରଖାନା ଆଣିଲା ବେଳକୁ ରାସ୍ତାରେ ହିଁ ଶିଶୁର ମୃତ୍ୟୁ ହୋଇଥିଲା। ଡାକ୍ତରଖାନାରେ ପହଞ୍ଚିଲା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟୀକା ଯୋଗୁଁ ଶିଶୁର ମୃତ୍ୟୁ ହୋଇଥିବା ପିତାମାତା ଅଭିଯୋଗ କରିଥିବା ବେଳେ ପୋଲିଓ ଟୀକା ନେଇ କୌଣସି ଶିଶୁର ମୃତ୍ୟୁ ହୋଇ ନଥାଏ। ଶିଶୁଟିର ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇ ଥାଇ ପାରେ ବୋଲି ଡା. ମନୋରଞ୍ଜନ ନାୟକଙ୍କ କହିଛନ୍ତି।

# ବିଦେଶୀ ମଦ ଦୋକାନରୁ ୬ଲକ୍ଷ ଲୁଟ୍



**କବିସୂର୍ଯ୍ୟନଗର, ୨୧ ।୨(ସମିସ):** କବିସୂର୍ଯ୍ୟନଗରର ମୁଖ୍ୟ ରାସ୍ତାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଲୁଟ ହୋଇଛି। କିଛି ଦିନ ତଳେ ଝାଡବାଇ, ତାପରେ ଗୁଡ଼ିଆଳି ଓ ଗତ ରାତ୍ର କବିସୂର୍ଯ୍ୟନଗର ବସଷ୍ଟାଣ୍ଡ ଜନବହୁଳ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଚୋରି ଘଟିଛି। ଚୋରୀ ହୋଇଥିବା ଟଙ୍କାର ମୂଲ୍ୟ ପ୍ରାୟ ୫ଲକ୍ଷ ୮୨ହଜାର ବୋଲି ଜଣାପଡ଼ିଛି। ଘଟଣା ସ୍ଥଳେ କବିସୂର୍ଯ୍ୟନଗର ଆଇଆଇସି ସୁଧୀର କୁମାର ସାହୁ ଓ ପୁଲିସ ଦଳ ପହଂଚି ତଦନ୍ତ ଜାରି ରଖିଛନ୍ତି। ଉକ୍ତ ଅଂଚଳର ବିଭିନ୍ନ ଦୋକାନ ଓ ମଦ ଦୋକାନର ସିସି ଫୁଟେଜରୁ ବହୁ ତଥ୍ୟ ପୁଲିସ ହାତରେ ଲାଗିଛି। ତିନି ଚୋରଙ୍କ ମଧ୍ୟରୁ ଦୁଇ ଜଣ ମଦ ଦୋକାନକୁ ପସିଥିଲେ। ସହଯୋଗୀ ଜଣେ ବାହାରେ ପଇଁତରା ମାରୁଥିଲା। ଗୋଟିଏ ବାଇକରେ ତିନି ଜଣ ଦୁର୍ବୃତ୍ତ ଆସିଥିଲେ। ଦୋକାନଠାରୁ କିଛି ଦୂର ଚନ୍ଦ୍ରଶେଖର ହାଇସ୍କୁଲ ରାସ୍ତାରେ ବାଇକ ରଖି ଦୁଇଜଣ ଦୋକାନ ତାଲା ତାଡି ଦୋକାନ ଭିତରକୁ ପଶିଥିଲେ। ଜଣେ ଚୋର ବାହାରେ ଗତିବିଧି ଲକ୍ଷ୍ୟ ରଖୁଥିଲା। ଚୋରି କରିବାର ସମୟ ପ୍ରାୟ ଗତରାତ୍ର ଘ ୨:୪୦ମିନିଟ ହେବ। ଦୋକାନୀ ରାକେଶ କୁମାର ପ୍ରଧାନ ଅଭିଯୋଗ ପ୍ରକାରେ ପୁଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଛନ୍ତି।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତକୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ

**ଫୁଲବାଣୀ, ୨୧।୨(ସମିସ):** ଜନୈକା ନାବାଳିକାକୁ ଏକୁଟିଆର ସୁଯୋଗ ନେଇ ଅସଦାଚରଣ କରିବା ଅଭିଯୋଗର ବିଚାର କରି ଏଡ଼ିଜେ ତଥା ପୋକସୋ କୋର୍ଟର ବିଚାରପତି ସଂଜିତ୍ କୁମାର ବେହେରା ୧୫ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ମନୋଜ ଦେହୁରୀ(୨୮)କୁ ୫ ବର୍ଷ କାରାଦଣ୍ଡ ସହିତ ୮ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ସେହିଭଳି ନାବାଳିକାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ମଧ୍ୟ ତାଙ୍କ ନିର୍ଦ୍ଦେଶରେ ଜଣାଇଛନ୍ତି। ଅଭିଯୁକ୍ତ ଜଣକ ଖଜୁରିପଡ଼ା ଥାନା ଅଞ୍ଚଳର ବୋଲି ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ, ଗତ ୨୦୨୦ ଜୁଲାଇ ୨୫ ତାରିଖରେ ନାବାଳିକା ଜଣକ ଅନ୍ୟ ୩ ଜଣ ସାଙ୍ଗଙ୍କ ସହିତ ଏକ ସ୍ଥାନରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ପିଇବା ପାଣି ମାଗିବା ବାହାନାରେ ନାବାଳିକାଙ୍କ ଘରେ ପହଞ୍ଚିଥିଲା। ନାବାଳିକା ଜଣକ କିଛି ବୁଝି ନ ପାରି ପାଣି ଆଣିବାକୁ ଘର ଭିତରକୁ ଯିବା ବେଳେ ଅଭିଯୁକ୍ତ ଜୋର ଜବରଦସ୍ତ ଘରେ ପଶି ନାବାଳିକାକୁ ନାନା ପ୍ରକାର ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ସେହି ସମୟରେ ନାବାଳିକାଙ୍କ ପରିବାରର ସଦସ୍ୟମାନେ ନିଜ ଚାଷ ଜମିକୁ କାମ କରିବାକୁ ଯାଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକା ଜଣକ ଏନେଇ ସେମାନଙ୍କୁ ଜଣାଇବା ପରେ ଗାଁରେ ଏକ ବୈଠକ ବସିଥିଲା। ବୈଠକରେ କୌଣସି ପ୍ରକାର ସମାଧାନ ହୋଇ ନ ପାରିବାରୁ ଏନେଇ ପରିବାର ଲୋକେ ଅକ୍ଟୋବର ୨୭ରେ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ କେସ ନଂ ୬୯/୨୦ରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଏହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ













**ଭଞ୍ଜନଗର, ୨୧।୨(ସମିସ)**

ଭଞ୍ଜନଗର ବ୍ଲକ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଯାଇଛି। ଆମ ମାତୃଭାଷା ଓଡ଼ିଆ ପ୍ରତି ସମ୍ମାନ ପ୍ରଦର୍ଶନ ସହ ଓଡ଼ିଆ ଭାଷାର ବହୁଳ ପ୍ରଚାର, ପ୍ରସାର ଓ ବ୍ୟବହାର ଉପରେ ଗୁରୁତ୍ୱ ଦେବାପାଇଁ ମତ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷାକୁ ରାଷ୍ଟ୍ରୀୟ ମାନ୍ୟତାର ସ୍ୱତନ୍ତ୍ରତା ଓ ପ୍ରାଚୀନତା ରହିଥିବା ଏଥିରୁ ଅନୁମେୟ। ଓଡ଼ିଆ ଭାଷାର ସେହି କାଳଜୟୀ ସାହିତ୍ୟିକ, କବି, ଲେଖକ ଓ ଭାଷାବିତଙ୍କ ପାଇଁ ଆମେ ଆଜି ଆମର ସ୍ୱତନ୍ତ୍ର ପରିଚୟ ପାଇଛେ। ଏଥିପାଇଁ ଆମେ ଗର୍ବରେ ଆମେ ଓଡ଼ିଆ ବୋଲି କହି ପାରୁଛେ ବୋଲି କୁହାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ଶପଥ ପାଠ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

**ରମ୍ଭା:** ଡିମିରିଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ସର୍ବପ୍ରଥମେ ଭାଷା ଆନ୍ଦୋଳନରେ ସାମିଲ ଥିବା ମହାନ୍ ଭାଷାପ୍ରେମୀଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅନୁଷ୍ଠାନରରେ ପଠନ ରତ ସମୂହ ଛାତ୍ରଛାତ୍ରୀ ମାତୃଭାଷାର ବହୁଳ ବ୍ୟବହାରକୁ ଆଧାର କରି ଶପଥ ପାଠ କରିଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ଶିକ୍ଷକ ତଥା ଯୁବ ସାହିତ୍ୟିକ ଡ.ଦ୍ୱାରିକାନାଥ ମହାରଣା ମାତୃଭାଷା ଶିକ୍ଷାର ଆବଶ୍ୟକତା, ଜାତୀୟତାବୋଧ, ଭାଷା ସାହିତ୍ୟର ସୁରକ୍ଷା, ଆମ ମାତୃଭାଷା ଓଡ଼ିଆ ଭାଷାର କିଭଳି ଦକ୍ଷତା ଭିତ୍ତିରେ ବହୁଳ ବ୍ୟବହାର ହୋଇପାରିବ ସେନେଇ ସାର୍ ଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାତ୍ର, ରେଣୁବାଳା କେଇ, ଲଳିତା ଶବର, ସଂଗୀତା ନାହାକ, ପ୍ରିୟମ୍ବଦା ରାଇତା, ସଂଧାରାଣୀ ତ୍ରିପାଠୀ, ସର୍ବଜିତ୍ ମହାପାତ୍ର, କଳାଶିକ୍ଷକ ପ୍ରିୟରଞ୍ଜନ ସାମନ୍ତ ଭାଷାର ବିକାଶ ହେଲେ ଜାତିର ବିକାଶ ସମ୍ଭବ ହେବା ସହିତ ଭାଷା ପ୍ରତି ଆନ୍ତରିକତା, ନିୟମିତ ମାତୃଭାଷାରେ ପଠନ ଲିଖନ କଲେ ଭାଷାର ଗୁରୁତ୍ୱ ଅବଶ୍ୟ ବୃଦ୍ଧି ପାଇବ, ସେ ସମ୍ପର୍କରେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଛତ୍ରପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅଧକ୍ଷ ଉପେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତଥା ମାତୃଭାଷା ବିଷୟ ପ୍ରମୁଖ ମନୋରଂଜନ ଦାଶ ଶିଶୁଙ୍କୁ ମାତୃଭାଷାର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରିଥଲେ। ବ୍ରହ୍ମପୁର ମେଡିକାଲ କଲେଜର ଚକ୍ଷୁ ବିଶେଷଜ୍ଞ ତଥା ବିଶିଷ୍ଟ ସାହିତ୍ୟିକ ଡା.ରାଜେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶିଶୁଙ୍କୁ ଓଡିଆ ଭାଷାର ବିଭିନ୍ନ ଗବେଷଣାତ୍ମକ ଦୃଷ୍ଟି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସଂଗଣକ ଆଚାର୍ଯ୍ୟ ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ବୁଗୁଡ଼ା:** ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ବଳରାମ ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ମାଆ, ମାତୃଭୂମି ଓ ମାତୃଭାଷା ପ୍ରତି ଅବହେଳା ଆଦୌ ଗ୍ରହଣୀୟ ନୁହେଁ ଏବଂ ମାତୃଭାଷାକୁ ଉପେକ୍ଷା କରି କୌଣସି ଜାତି ବଡ ହୋଇପାରି ନାହିଁ କି ହୋଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏଥି ସହ ଗୁରୁଜୀ ରବୀନ୍ଦ୍ର କୁମାର ଦାଶ ଓ ଗାନ୍ଧୀ ପ୍ରଧାନ, ଗୁରୁମା ସୁମତି ମିଶ୍ର, ଛାତ୍ରୀ ବିଦ୍ୟାଙ୍ଗିନୀ ବେବର୍ତ୍ତା ଓ ଯସ୍ମିନ ରାଣୀ ଦାଶ ସାରଗର୍ଭକ ଅଭିଭାଷଣରେ ସମ୍ପ୍ରତି ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁଏକ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ମୁଖ୍ୟଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତାକ୍ଷରୀ, ଆଶୁ ଭାଷଣ, ଗୀତା ଆବୃତ୍ତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁମା ସସ୍ମିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଗୀତାରାଣୀ ସାହୁ ଅମୃତବଚନ ପ୍ରଦାନ ଏବଂ ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

**ପୋଲସରା:** ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସହ ପ୍ରଧାନ ଆଚାର୍ଯ୍ୟ ଉପେନ୍ଦ୍ରନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଏହି ଉତ୍ସବରେ ମାତୃଭାଷା ବିଷୟ ନେଇଥିବା ଶିକ୍ଷକ ବକ୍ତୃତା, ସୁଲିଖନ, କବିଙ୍କ ଫଟୋ ଚିତ୍ର, ଓଡ଼ିଆ ଭାଷା ସ୍ଲୋଗାନ ପ୍ରମୁଖ ବିଷୟରେ ପ୍ରତିଯୋଗିତା ଆୟୋଜିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ ପ୍ରଧାନ ଓଡ଼ିଆ ଭାଷାର ସୁରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟିର ଉପଦେଷ୍ଟା ଶିକ୍ଷାବିତ୍ ସୁକାନ୍ତି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

**ରମ୍ଭା:** ଆର. ବିଞ୍ଚଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ରୋହିତ ବେହେରାଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ମାତୃ ଭାଷା ଦିବସ ପାଳିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି କେଲୁ ଚରଣ ନାହାକ, ମାତୃ କମିଟି ସଦସ୍ୟା ଅଳକା ବେହେରା, ଶିକ୍ଷାବିତ୍ ଭଗବାନ ବେହେରା ପ୍ରମୁଖ ଯୋଗଦେଇ ମାତୃ-ଭୂମି ମାତୃ-ଭାଷା ଉପରେ ଆଲୋକପାତ କରିଥିଲେ। ସର୍ବ ପ୍ରଥମେ ସାମୁହିକ ଭାବରେ ବନ୍ଦେ-ଉତ୍କଳ-ଜନନୀ ଆବୃତ୍ତି କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଜିତେନ୍ଦ୍ର ବେହେରା ପ୍ରାରମ୍ଭିକ ସଙ୍ଗୀତ 'ଆମେ ତ ଓଡ଼ିଶା ବାସୀ' ସଙ୍ଗୀତ ଗାନ କରିଥଲେ। ଏହା ପରେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର ଆନ୍ତର୍ଜାତୀୟ ମାତୃ ଭାଷା ଦିବସ ଉପଲକ୍ଷେ ସାଧାରଣ ଜ୍ଞାନ, ଡିବେଟ, ଗୀତ, ଗପ ଆଦି ପ୍ରତିଯୋଗିତାରେ କୃତତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରତିଶ୍ରୁତି ସ୍'ରୂପ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ। ଏଥିରେ ଗ୍ରାମର ଯୁବକ, ସ୍ୱେଚ୍ଛାସେବୀ ଗ୍ରାମବାସୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ପି.ସଞ୍ଜୀବ କୁମାର ପାତ୍ର ହେଲେ ବିଜେଡି ଏନ୍ଏସି ସଭାପତି



**ଜି.ଉଦୟଗିରି, ୨୧।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଏନଏସି ବିଜେଡି ସଭାପତି ଭାବେ ପି. ସଞ୍ଜୀବ କୁମାର ପାତ୍ର ନାମ ଘୋଷଣା ହୋଇଛି। ଏ ନେଇ ଶଙ୍ଖ ଭବନରୁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ। ଶ୍ରୀ ପାତ୍ର ପୂର୍ବରୁ ଏନଏସି ଅଧ୍ୟକ୍ଷ ଥିଲେ। ଏବେ ବର୍ତ୍ତମାନ କାଉନସିଲର ଅଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଦଳର ସାଂଗଠନିକ ଦାୟିତ୍ୱ ମିଳିବା ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି କୁହାଯାଉଛି। ଆନୁଷ୍ଠାନିକ ଭାବେ ନାମ ଘୋଷଣା ପରେ ନଗରବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦଳ ତାଙ୍କ ଉପରେ ଭରସା କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ଶ୍ରୀ ଦାସ, ଅର୍ଥମନ୍ତ୍ରୀ ବିକ୍ରମ କିଶୋର ଆରୁଖ, କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## କାର ଦୁର୍ଘଟଣା, ବର୍ତ୍ତିଲେ ୭ ଯାତ୍ରୀ



**ଜି.ଉଦୟଗିରି,୨୧।୨(ସମିସ):** ଜି.ଉଦୟଗିରି ବ୍ଲକ ଦୁଗୁଡ଼ି ଛକରେ ଏକ କାର ଏକ ଗଛକୁ ମଙ୍ଗଳବାର ସକାଳେ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର ଭାଙ୍ଗିରୁଜି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ୭ ଜଣ। କାର ପିପିଲିରୁ ନିଲୁଙ୍ଗିଆ ଯାଉଥିଲା। କଳିଙ୍ଗାରେ କାରଚାଳକ ନିଦ ଲାଗୁଥିବା କହିଥିଲେ। କିନ୍ତୁ ବସିଥିବା ଯାତ୍ରୀ କିଛି ଦୂରରେ ନିଲୁଙ୍ଗିଆ ପହଁଞ୍ଚିବ ବୋଲି କହିଥିଲେ। ବଡ଼ି ଭୋରରୁ ଚାଳକର ଆଖି ପଡ଼ିଯିବାରୁ କାର ଏକ ଗଛକୁ ଧକ୍କା ହୋଇଥିଲା। କାରରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ କେହି ହେଲେ ଆହତ ହୋଇ ନଥିବା ଜଣାପଡ଼ିଛି। ଏଥିରେ ୩ ଜଣ ଛୋଟ ପିଲା, ଜଣେ ମହିଳା, ୨ ଜଣ ପୁରୁଷ ଥିଲେ।

## ଜି.ଉଦୟଗିରି ବ୍ଲକରେ ଗଡ଼ିଲା ଲକ୍ଷ୍ମୀ ବସ୍

**ଜି. ଉଦୟଗିରି, ୨୧।୨(ସମିସ):** କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ ସୋମବାର କରାଯାଇଥିବା ବେଳେ, ମଙ୍ଗଳବାର ଜି. ଉଦୟଗିରିରେ ଗଡ଼ିଛି ଲକ୍ଷ୍ମୀ ବସ। ବିଡିଓ ମନୋଜ କୁମାର ଦେବତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଜି ସକାଳୁ ବସ ରଟିଙ୍ଗିଆ, ଗ୍ରେସିଙ୍ଗିଆ, କଟିଙ୍ଗିଆ, ତଲାରିମାହାକୁ ଯାଇଥିବା



ଲକ୍ଷ୍ମୀ ବସ ସୁପରଭାଇଜର ସିପୁନ ପାଣିଗ୍ରାହୀ କହିଛନ୍ତି। ଲକ୍ଷ୍ମୀ ବସରେ ପଞ୍ଚାୟତରୁ ଜି. ଉଦୟଗିରି ସହରକୁ ଯାତାୟାତ କରିଛନ୍ତି ମହିଳା ଏବଂ ଛାତ୍ରଛାତ୍ରୀ। ଲକ୍ଷ୍ମୀ ବସ ସେବାରେ ଖୁସି ଅଛନ୍ତି ବୋଲି କହିଛନ୍ତି ଯାତ୍ରୀ। ଜି. ଉଦୟଗିରି ବ୍ଲକରେ ଏବେ ଗୋଟିଏ ବସ ଚଳାଚଳ କରୁଥିବା ବେଳେ ଆଉ ୩ ତିନୋଟି ବସ ଶୀଘ୍ର ଆସିବ ବୋଲି ସୁପରଭାଇଜର କହିଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ କଲମଛାଡ଼ ଆନ୍ଦୋଳନ



**ପୋଲସରା, ୨୧।୨(ସମିସ):** ପୋଲସରା ତହସିଲ କାର୍ଯ୍ୟାଳୟ ଠାରେ କାର୍ଯ୍ୟରତ ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀ ନାରାୟଣ ପାତ୍ର ଓ ଜନକ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଅଧିକାରୀ ଏବଂ କର୍ମଚାରୀ ମାନେ ୬ ଦଫା ଦାବି ନେଇ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ସହିତ ବିଭିନ୍ନ ଆଲୋଚନା ଓ ବିଚାର ବିମର୍ଷ ହୋଇଥିବା ବେଳେ କୌଣସି ସୁଫଳ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏପରିକି ସଂଘର ଅଭିଯୋଗ ଅନୁସାରେ ୧୯୮୩ ମସିହା ଠାରୁ କ୍ୟାଡ଼ର ପୁନଃ ଗଠନ ହୋଇନାହିଁ। କିନ୍ତୁ ଅନ୍ୟ ବିଭାଗର ଜିଲ୍ଲା ସ୍ତରୀୟ କର୍ମଚାରୀଙ୍କ କ୍ୟାଡ଼ର ପୁନଃଗଠନ ହୋଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇସାରିଲାଣି। ଏହି ଆନ୍ଦୋଳନକୁ ନେଇ ପୋଲସରା କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ନାରାୟଣ ଜେନା, ମଣିରାଜନ ବେହେରା, ସିମାଞ୍ଚଳ ପାତ୍ର, ସଂଘର ସଭାପତି ପ୍ରଶାନ୍ତ ଅଧିକାରୀ, ସମ୍ପାଦକ କଳ୍ପନା ସେଠୀ, ସହକାରୀ ରାଜସ୍ୱ ନିରୀକ୍ଷକ ସଂଯୁକ୍ତା ବେହେରା ପ୍ରମୁଖ ସଦସ୍ୟ ସାମିଲ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ବିଭାଗୀୟ ନୋଟିସକୁ ବେଖାତିର
# ଟ୍ରାଫିକ୍ ନିୟମକୁ ଖିଲାପ କରୁଛନ୍ତି ପୁଲିସ କର୍ମଚାରୀ!





**ବ୍ରହ୍ମପୁର, ୨୧।୨(ସମିସ):** ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଜନସାଧାରଣ ଟ୍ରାଫିକ ନିୟମକୁ ମାନୁନଥିବା ଅଭିଯୋଗ ହେଉଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହ ଖିଲାପିଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ତେବେ ଅନେକ ସମୟରେ ଖୋଦ୍ ଟ୍ରାଫିକ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀମାନେ ଟ୍ରାଫିକ ନିୟମକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସିଗନାଲ ପୋଷ୍ଟ ରହିଥିଲେ ହେଁ ସେଗୁଡିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ପୋଷ୍ଟରେ ନରହି ବାହାରେ ରାସ୍ତା ଉପରେ ଠିଆହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡକଥା ହେଲା ଟ୍ରାଫିକ ନିୟନ୍ତ୍ରଣ ପାଇଁ ଖରା, ବର୍ଷା ଓ ଶୀତ ସମୟରେ ଏପରିକି ଦିନ ହେଉ କିମ୍ବା ରାତି ସବୁବେଳେ ଟ୍ରାଫିକ ନିୟନ୍ତ୍ରଣରେ ନିୟୋଜିତ ରହିଥାନ୍ତି ଟ୍ରାଫିକ କର୍ମଚାରୀ। ତେବେ ଏହି ସମୟରେ ଯେଭଳି ଟ୍ରାଫିକ ଦାୟିତ୍ୱରେ ନିୟୋଜିତ ରହୁଥିବା ଖୋଦ୍ ପୁଲିସ କର୍ମଚାରୀ କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ସେମାନଙ୍କୁ ବିଭାଗ ପକ୍ଷରୁ ଆବଶ୍ୟକ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଉଛି। ଖାସ କରି ରାତି ପାଇଁ

**● ହାତରେ ରହୁନି ଷ୍ଟପ୍ ବୋର୍ଡ, ପିନ୍ଧୁ ନାହାନ୍ତି ରେଡିୟମ ଜାକେଟ୍**
**● ଯୋଗାଇ ଦିଆଯାଇଛି ଟୋପି, ଗ୍ଲୋବ୍ସ, ଛତା ଓ ରେଡିୟମ ଲାଇଟ୍**

ରେଡ଼ିୟମ୍ ଜାକେଟ, ଟ୍ରାଫିକ ବଟମ୍ (ଷ୍ଟପ ଲାଇଟ) ସମେତ ଟୋପି, ଛତା, ଗ୍ଲୋବ୍ସ ଓ ଷ୍ଟପ ସିଗନାଲ୍ ବୋର୍ଡ ଆଦି ଯୋଗାଇ ଦିଆଯାଇଛି। ତେବେ ସହରରେ କାର୍ଯ୍ୟରତ ଅଧିକାଂଶ ଟ୍ରାଫିକ ପୁଲିସ କର୍ମଚାରୀ ଉପରୋକ୍ତ ସାମଗ୍ରୀ ବ୍ୟବହାର କରୁନଥିବା ଦେଖିବାକୁ ମିଳିଛି। ବିଶେଷ କରି ରାତିରେ ରେଡ଼ିୟମ୍ ଜାକେଟ ମଧ୍ୟ ପରିଧାନ କରୁନାହାନ୍ତି। ଏଭଳି ଘଟଣା ଟ୍ରାଫିକ ଥାନା ଅଧିକାରୀଙ୍କ ନଜରକୁ ଆସିବା ପରେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ନୋଟିସ ମଧ୍ୟ ଜାରି କରାଯାଇଛି। ହେଲେ ଜାରି ହୋଇଥିବା ନୋଟିସକୁ ମଧ୍ୟ କେହି ଖାତିର କରୁନଥିବା ଜଣାପଡ଼ିଛି। ସେପଟେ ନୋଟିସ ଜାରି କରିଦେଇ ନିଜ ଦାୟିତ୍ୱ ସାରିଦେଇଛନ୍ତି ଅଧିକାରୀ। ନୋଟିସକୁ କାର୍ଯ୍ୟକାରୀ ବା ଅନୁପାଳନ କରିନଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ଏହାର ପୁନଃରାବୃତି ହୋଇନଥାନ୍ତା। ସେହିଭଳି ସହରର ଅନେକ ଛକରୁ ଜେବ୍ରା କ୍ରସିଂ ପାଇଁ ଉଦ୍ଦିଷ୍ଟ ଚିହ୍ନ ଲିଭିସାରିଛି। ସହରର ଅଣଓସାରିଆ ରାସ୍ତା ସାଙ୍ଗକୁ ଅବ୍ୟବସ୍ଥିତ ପାର୍କିଂ ଯୋଗୁଁ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ଟ୍ରାଫିକ ଜାମ ଦେଖିବାକୁ ମିଳୁଛି। ଜନସାଧାରଣଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିବା ସହ ପୁଲିସ କର୍ମଚାରୀମାନେ ମଧ୍ୟ ଶୃଙ୍ଖଳିତ ହୋଇ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଟ୍ରାଫିକ ସରଞ୍ଜାମ ବ୍ୟବହାର କଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାନ୍ତା। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇଛି। ସେପଟେ ଟ୍ରାଫିକ ପୋଷ୍ଟ ସଜାଡିବା କ୍ଷେତ୍ରରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ପୁଲିସ ବିଭାଗକୁ ସହଯୋଗ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## କତଲକଇଠା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଗୋଷାଣି, ୨୧।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ କତଲକଇଠା ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।



ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବିଜେଡି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍. ଲିଙ୍ଗରାଜୁ, ରାଜ୍ୟ ବିଜେଡିର ଯୁବ ଉପସଭାପତି ଇଂ. ରୁପେଶ ପାଣିଗ୍ରାହୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବିରରାଜୁ, ଗୋଷାଣି ବ୍ଲକ ବିଜେଡି ସଭାପତି ଇଶ୍ୱର ରାଓ, ବିଜେଡି ରାଜ୍ୟ ସମ୍ପାଦକ ବସନ୍ତ ଦାସ, ପ୍ରଦୀପ ନାୟକ, ଉପସଭାପତି ଲକ୍ଷ୍ମୀ ପରିଚ୍ଛା, ଆରଏମସି ସଭାପତି ଏସ. ଗଜପତି ରାଓ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ୱାଇ. ରାମଚନ୍ଦ୍ର ରାଓ, ସ୍ଥାନୀୟ ସରପଞ୍ଚ ଏସ. ବାଲରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟମ୍ମା, ଯୁବ ଛାତ୍ର ସଭାପତି ବିଶ୍ୱଜିତ୍ ତ୍ରିପାଠୀଙ୍କ ସହ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବରିଷ୍ଠ ନେତାଗଣ ଯୋଗ ଦେଇଥିଲେ। ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡିକର ରୂପାନ୍ତରୀକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ଏବଂ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହା ସହ ୫-ଟିରେ ରୂପାନ୍ତରିତ ସମସ୍ତ ବିକାଶ କାର୍ଯ୍ୟକ୍ରମ, ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମଧ୍ୟ ସଚେତନତା କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ଗୋଷାଣି ବ୍ଲକର ସମସ୍ତ ୨୧ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ସମାପନ ହୋଇଛି। ଏହି କାର୍ଯ୍ୟକ୍ରମ ଗୁଡିକରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ବିଶେଷ କରି ଅନ୍ୟ ବ୍ଲକର ଅଧ୍ୟକ୍ଷ ଓ ଜନ ପ୍ରତିନିଧି ମଧ୍ୟ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଦିଗପହଣ୍ଡି,୨୧।୨(ସମିସ):** ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନ କ୍ରମେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ରାଜସ୍ୱ ନୀରିକ୍ଷକ ଏବଂ ପରିଦର୍ଶକ ମାନେ ୬ ଦଫା ଦାବିପୂରଣ ନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଥିବା ଜଣାପଡ଼ିଛି। ସଂଘ ସଭାପତି ଉପେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କର୍ମକର୍ତ୍ତା ରାଜସ୍ୱ କର୍ମଚାରୀଙ୍କ କ୍ୟାଡ଼ର ପୁନଃ ଗଠନ, ଓଏଏସ୍‌ରେ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ୯୦ ପ୍ରତିଶତ ଆର୍‌ଆଇ ପୋଷ୍ଟ ପଦୋନ୍ନତି ସ୍ଥିର କରାଯିବା, ବରିଷ୍ଠତା ଆଧାରରେ ଏକ ସାଧାରଣ ଗ୍ରେଡେସନ ତାଲିକା, ରାଜସ୍ୱ ନୀରିକ୍ଷକ ମଣ୍ଡଳ ନିମନ୍ତେ ଗ୍ରୁପ୍ ଡି ପୋଷ୍ଟ ପୂରଣ ପ୍ରମୁଖ ଦାବି ନେଇ ଆନ୍ଦୋଳନ କରିଛନ୍ତି। ଆଗାମୀ ଦିନରେ ସରକାର ଦାବି ଗୁଡ଼ିକୁ ସମାଧାନ ନ କରନ୍ତି ତେବେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସଂଘ ସମ୍ପାଦକ ସୁନୀଲ କୁମାର ବେହେରା, ରାଜସ୍ୱ ସୁପରଭାଇଜର ଜି. ଲକ୍ଷ୍ମୀ, ତିଳୋତ୍ତମା ଦୋରା, ରାଜସ୍ୱ ନୀରିକ୍ଷକ ଅକ୍ଷୟ ମଲ୍ଲିକ, ସନାତନ ରଣା, ଯଜ୍ଞ ବେହେରା, ପୁଷ୍ପାଞ୍ଜଳୀ ମଲ୍ଲିକ, ବନିତା ପ୍ରଧାନ, ଅମିତ ସ୍ୱାଇଁ, ରାମ ସାହୁ, ଗିରିଜା ମଲ୍ଲିକ, ସୁଶାନ୍ତ ବେହେରା, ସଞ୍ଜୁ ମହାପାତ୍ର, ବିଘ୍ନେଶ୍ୱର ଆଚାର୍ଯ୍ୟଙ୍କ ସମେତ ଏଆର୍‌ଆଇ ମାନେ ସାମିଲ ଥିଲେ।

## ଚିକିତ୍ସାଳୟରେ ଗର୍ଭବତୀଙ୍କୁ ମିଳୁନି ଖାଦ୍ୟ ଓ ସେବା

**ବାଲିଗୁଡ଼ା,୨୧।୨(ସମିସ):** ଜଣେ ଗର୍ଭବତୀ ମହିଳା କିଭଳି ସୁରକ୍ଷିତ ପ୍ରସବ କରିପାରିବ ସେଥିପାଇଁ ରାଜ୍ୟ ସରକାର ମମତା ଭଳି ସ୍ୱାସ୍ଥ୍ୟଭିତ୍ତିକ ଜନକଲ୍ୟାଣ ଯୋଜନା କରିଛନ୍ତି। ବିନା ମୂଲ୍ୟରେ ଖାଦ୍ୟ, ଯାତାୟାତ ଏବଂ ଉତ୍ତମ ଚିକିତ୍ସା ସେବା ମିଳିବା ବ୍ୟବସ୍ଥା ରହିଛି। କିନ୍ତୁ ଗର୍ଭବତୀଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ବେଲଘର କୁଟିଆ ଅଞ୍ଚଳରୁ ଗତ ୧୮ ତାରିଖରେ ଜଣେ ଗର୍ଭବତୀ ଉପଖଣ୍ଡ ଚିକିତ୍ସାଳୟକୁ ପ୍ରସବ ପାଇଁ ଆସିଥିଲେ ମଧ୍ୟ ତାଙ୍କୁ ଖାଦ୍ୟ ଦିଆଯାଇନାହିଁ। ସେ ୧୮ ତାରିଖରେ ରାତି ୮ ଟାରେ ପ୍ରସବ ବେଦନା ପରେ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲେ। କିନ୍ତୁ ତାଙ୍କୁ ଖାଦ୍ୟ ଦିଆଗଲା ନାହିଁ। ସରକାରଙ୍କ ପ୍ରସବ ସମୟରେ ଯେଉଁ ସବୁ ନିୟମ ରହିଛି, ତାହାକୁ ମଧ୍ୟ ଚିକିତ୍ସାଳୟରେ ପାଳନ କରାଯାଉନଥିବା ଅଭିଯୋଗ ହେଉଛି। ଯେମିତି କି ଏକ ଗର୍ଭବତୀ ମହିଳା ୭ ଦିନ ପୂର୍ବରୁ ଜଣେ ଆଶା କର୍ମୀଙ୍କ ସହଯୋଗରେ ମା ଗୃହରେ ରହିବା ବ୍ୟବସ୍ଥା, ଆଶାକର୍ମୀ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଆଣି ପ୍ରସବ ସରିବା ପରେ ଘରକୁ ଯିବା ପର୍ଯ୍ୟନ୍ତ ସେବାରେ ନିୟୋଜିତ ରହିବା କଥା। ଏହି ମହିଳା ସେହି ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ମହିଳାଙ୍କ ସାହାଯ୍ୟ କରିବା ପାଇଁ ମଧ୍ୟ କୌଣସି ଆଶାକର୍ମୀଙ୍କୁ ଦେଖିବାକୁ ମିଳିନଥିଲା। ଚିକିତ୍ସାଳୟରେ ଅବ୍ୟବସ୍ଥା ସମ୍ପର୍କରେ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଶ୍ରବଣ ସାହୁକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଯେଉଁ ଘଟଣା ଘଟିଛି ସେଥିପ୍ରତି ଦୃଷ୍ଟି ଦିଆଯିବ ଏବଂ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଯେଉଁ ସେବା ବ୍ୟବସ୍ଥା କରାଯାଉଛି ତାହା କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

## ରାମଚରିତ ମାନସ ନବାହ୍ନ ପାରାୟଣ



**ବୁଗୁଡା, ୨୧।୨(ସମିସ):** ସ୍ଥାନୀୟ ତଳ ଓଡ଼ିଆ ସାହିରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପ୍ରତ୍ୟହ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ରାମଚରିତ ମାନସ ପାରାୟଣ ଓ ହୋମ, ସନ୍ଧ୍ୟାରେ ଆଳତି ଦର୍ଶନ ପରେ ଭଜନ ସମାରୋହ ସାଙ୍ଗକୁ ରାତ୍ରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରବଚିକା କମଳ କୁମାରୀ ପାଣିଗ୍ରାହୀଙ୍କ ପ୍ରବଚନ କାଳରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀରାମ ରସାମୃତ ଗ୍ରହଣ ପୂର୍ବକ ବିଭୁକୃପା ଲାଭପ୍ରାପ୍ତିର ସୁଯୋଗ ପାଉଥିଲେ। ପୁରୋହିତ ଦଣ୍ଡପାଣି ଦାଶ ଓ ମନୋଜ କୁମାର ଦାଶ ଦୈନିକ ହୋମକାର୍ଯ୍ୟ ସମ୍ପାଦନ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସାହି ବାସିନ୍ଦା ସହଯୋଗ କରିଥିଲେ।

## ଟିକାବାଲି: ୪ ବିଦ୍ୟାଳୟରେ ବିଦ୍ୟାର୍ଥୀ ଦେଲେ ମାଟ୍ରିକ ପରୀକ୍ଷା

**ଟିକାବାଲି, ୨୧।୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ଥିବା ୪ଟି ବିଦ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟ ଟିକାବାଲି, କଇଁଝରସ୍ଥିତ ବରାଳଦେବୀ ବିଦ୍ୟାପୀଠ, ପେନାଗୋବେରୀ ସରକାରୀ ସେବାଶ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଗୁଟିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଦିନରେ ୨୭୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ଥିଲେ। ସେହିପରି ବରାଳଦେବୀ ବିଦ୍ୟାପୀଠ କଇଁଝରରେ ୧୧୮ ଜଣ ପରୀକ୍ଷା ଦେଇଥିବା ବେଳେ ୨ ଜଣ ଅନୁପସ୍ଥିତ ଥିଲେ। ଅନ୍ୟ ବିଦ୍ୟାଳୟରେ ସମସ୍ତ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ଜଣାଯାଇଛି। ପ୍ରଥମ ଦିନର ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣି ପ୍ରକାଶ କରିଛନ୍ତି।

## ସହରାଞ୍ଚଳର ବିକାଶ ନେଇ ସଚେତନତା ଶିବିର

**ବାଲିଗୁଡ଼ା, ୨୧।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଏନ୍ଏସି ୱାର୍ଡରେ ବିକାଶଧାରା ଜନସାଧାରଣଙ୍କ ପାଖରେ ପହଞ୍ଚିବା ପାଇଁ ଆରମ୍ଭ କରିଛନ୍ତି ସହରାଞ୍ଚଳ ସ୍ତରୀୟ ସଚେତନତା ଶିବିର। ଏହି ଶିବିର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍ଏସି ଅନ୍ତର୍ଗତ ୮, ୯, ୧୦ନମ୍ବର ୱାର୍ଡରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆସିଥିବା ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ପରେ ଅଭିଭାଷଣ ହୋଇଥିଲା। ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।। ଏହାପରେ ବିକାଶ ହୋଇଥିବା ଝଲକର ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ବିଧାୟକ ଭାବେ ପ୍ରତିନିଧି ଅବନୀ କାନ୍ତ ନାୟକ, ବାଲିଗୁଡା ଏନ୍ଏସି ସାଂସଦ ପ୍ରତିନିଧି ଲୋକନାଥ ପାଢ଼ୀ, କାଉନସିଲର ରଶ୍ମିତା ପାଢ଼ୀ, ହରପ୍ରିୟା ତ୍ରିପାଠୀ, ନାରାୟଣ ଡାକୁଆ ଓ ରୀନା ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ ବଣଭୋଜି ଆୟୋଜନ କଲା ପ୍ରଶାସନ

**ପାରଳାଖେମୁଣ୍ଡି, ୨୧।୨(ସମିସ):** ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ ଓ ଶିଶୁ ମଙ୍ଗଳ ସମିତିର ଅନୁମୋଦନ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟାଙ୍କ ନେତୃତ୍ୱରେ ଜିଲ୍ଲାର ୪ ଶିଶୁଯତ୍ନ ଅନୁଷ୍ଠାନ ଆର.ସୀତାପୁରର ଶ୍ରୀ ଜଗନ୍ନାଥ ନିକେତନ, ଗୁମ୍ମା ସ୍ଥିତ ନିସାନ ଶାଲୋମ୍ ଚିଲ୍ଡ୍ରେନ ହୋମ୍, ବି.ସୀତାପୁର ସ୍ଥିତ ପ୍ରାଉଡ଼ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ବି.ସୀତାପୁର ସ୍ଥିତ ଉତ୍କଳ ବାଳାଶ୍ରମର ୮୦ ଜଣ ଶିଶୁଙ୍କୁ ଚନ୍ଦ୍ରଗିରି ସ୍ଥିତ ଖସଡ଼ା ଜଳପ୍ରପାତ ଏବଂ ବୌଦ୍ଧ ମନ୍ଦିର ବୁଲିବା ପାଇଁ ନିଆଯାଇଥିଲା। ଗଜପତି ଜିଲ୍ଲାର ଥିବା ଶିଶୁ ଯତ୍ନ ଅନୁଷ୍ଠାନରେ ୨୦୦ରୁ ଅଧିକ ଶିଶୁ ରହୁଥିଲା ବେଳେ ଜିଲ୍ଲା ପ୍ରଶାସନ ଦ୍ୱାରା ବିଭିନ୍ନ ସମୟରେ ଶିଶୁଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ସେଥିମଧ୍ୟରୁ ଆଜିର ବଣଭୋଜି କାର୍ଯ୍ୟକ୍ରମ ଅନ୍ୟତମ। ଏହି କାର୍ଯ୍ୟକ୍ରମ ନିମନ୍ତେ ଗଜପତି ଆଞ୍ଚଳିକ ପରିବହନ ଅଧିକାରୀ ସାନ୍ତନୁ କୁମାର ପରିଡ଼ା ଦୁଇଟି ବସ୍ ଯୋଗାଇ ଦେଇଥିଲେ। ପ୍ରଥମେ ଶିଶୁମାନେ ଚନ୍ଦ୍ରଗିରି ନିକଟସ୍ଥ ଖସଡ଼ା ଜଳପ୍ରପାତରେ ପହଞ୍ଚି ସେଠାକାର ସବୁଜ ବନାନୀ ତଥା ସୁମନୋହର ପ୍ରକୃତିକୁ ଉପଭୋଗ କରିଥିଲେ। ମଧ୍ୟାହ୍ନରେ ଚନ୍ଦ୍ରଗିରି ବୌଦ୍ଧ ବିହାରରେ ସେମାନଙ୍କ ପାଇଁ ବଣଭୋଜିର ଆୟୋଜନ କରାଯାଇଥିଲା। ପରେ ପିଲାମାନେ ଚନ୍ଦ୍ରଗିରି ସ୍ଥିତ ବୌଦ୍ଧ ମନ୍ଦିର ଯଥା 'ପଦ୍ମସମ୍ଭବ ମହାବିହାର' ପରିଦର୍ଶନ କରିଥିଲେ। ଶିଶୁଙ୍କ ସୁରକ୍ଷା ସହ ନେବା ଆଣିବା ନିମନ୍ତେ ଏବଂ କାର୍ଯ୍ୟକ୍ରମରେ ସହଯୋଗ ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସାମାଜିକ କର୍ମୀ ସୁବାସିତ ସ୍ୱାଲସିଂ, ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳକ ଶୁଭଙ୍କର ଲିମା, ଶ୍ରୀ ଜଗନ୍ନାଥ ନିକେତନର କର୍ମୀ ଗଣେଶ ଜାନି, ଉତ୍କଳ ବାଳାଶ୍ରମର ହାଉସ ମଦର କସ୍ତୁରୀପ୍ରଭା ରାଉତ ଏବଂ ପ୍ରାଉଡ଼ ଶିଶୁ ଯତ୍ନ ଅନୁଷ୍ଠାନର ହାଉସ ମଦର ବର୍ଷାଦେବୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର କୋଷାଧ୍ୟକ୍ଷ ଶୁଭଶ୍ରୀ ପଟ୍ଟନାୟକ ନିୟୋଜିତ ଥିଲେ। ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ମୋହନା ଥାନାର ଦୁଇଜଣ ସୁରକ୍ଷା କର୍ମୀ ନିୟୋଜିତ ଥିଲେ।



